

କାଲିମେଲା ଏମ୍‌ପିଭି-୧୬ ଗ୍ରାମରେ ପଶିଥିବା ପାଣି ।



ପୋଟେରୁ ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି ।

# ତହସିଲ ଅଫିସରେ ବର୍ଷା ପାଣି



ତହସିଲ ଅଫିସରେ ପାଣି ଯୋଗୁ ବାହାରେ କର୍ମଚାରୀମାନେ ଠିଆ ହୋଇଛନ୍ତି ।

**ଖଇରପୁଟ, ୧୯।୭(ଜଗନ୍ନାଥ ମାଝି)**

## ଲୋକେ ହନ୍ତସନ୍ତ

ଲଗାଣ ବର୍ଷା ଯୋଗୁ ମାଲକାନଗିରି ଖଇରପୁଟ ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ହାଟ ବଜାର, ବ୍ୟାଙ୍କ୍ ଓ ବିଭିନ୍ନ କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ଗଜିଆଗୁଡ଼ା, ପୂଜାରିଗୁଡ଼ା, ପାତ୍ରପୁଟ, ସନୁଗୁଡ଼ା, ଟାଗାବେଡ଼ା, ପିଣ୍ଡାଜଙ୍ଗର, କିଚାପଡା ଓ ବଡଘାଟ ଆଦି ଗ୍ରାମ ଲୋକେ ବହୁ ହଇରାଣ ହେଉଛନ୍ତି। ବିଲ ବାଡିରେ ପାଣି ଭର୍ତ୍ତି ହେଇଥିବାରୁ ଚାଷ କାର୍ଯ୍ୟ ବି ବାଧାପ୍ରାପ୍ତ ହେଉଛି। ବର୍ଷା ଯୋଗୁ ଶ୍ରମିକମାନେ କାମକୁ ଯାଇ ପାରୁନଥିବା ଦେଖିବାକୁ ମିଳୁଛି। କୁନି କୁନି ଶିଶୁ ବିଦ୍ୟାଳୟ ଯିବାକୁ ଅସୁବିଧା ହେଉଥିବାରୁ ସ୍କୁଲଗୁଡିକରେ ଉପସ୍ଥାନ କମୁଥିବା ଦେଖିବାକୁ ମିଳୁଛି। ସେହିପରି ବୁଧବାର ଖଇରପୁଟ ବଜାର ରାସ୍ତାରେ ବର୍ଷା ଜଳ ଜମି ରହିଥିଲା। ନିକଟସ୍ଥ ସଦର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଭିତରକୁ ବର୍ଷା ଜଳ ପ୍ରବେଶ କରିଥିଲା। ଅଫିସରେ ପାଣି ପଶିବାରୁ କାର୍ଯ୍ୟରେ ବାଧା ଉପୁଜିଥିଲା। କର୍ମଚାରୀମାନେ ଏହି ଜଳକୁ ବାଲ୍ଟିରେ ବାହାର କରିବା ପରେ ଅଫିସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକୁ ତହସିଲଦାର ଲଳିତ ମଣ୍ଡଳ ନିଜେ ଉପସ୍ଥିତ ରହି ତଦାରଖ କରିଥିଲେ। ଏହା ସହ ମଣ୍ଡଳ ବିଭିନ୍ନ ପଞ୍ଚାୟତ ପରିସ୍ଥିତି ଅନୁଧ୍ୟାନ କରିଥିବା ଦେଖିବାକୁ ମିଳିଥିଲା

# ବିଭିନ୍ନ ପୋଲ ଉପରେ ବର୍ଷା ପାଣି

**କାଲିମେଲା, ୧୯।୭ (ଜୀବନକୃଷ୍ଣ ଦାସ )**

ଲଘୁଚାପ ବର୍ଷା ଯୋଗୁ ମାଲକାନଗିରି ଜିଲା ସମେତ କାଲିମେଲା ବ୍ଲକ ଅଞ୍ଚଳରେ ୪ ଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ଅତ୍ୟଧିକ ବର୍ଷା ହେବା ଯୋଗୁ ଜିଲାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ବର୍ଷାରେ କାଲିମେଲା ବ୍ଲକ ଆଖପାଖରେ ଥିବା ସମସ୍ତ ଛୋଟ ବଡ ନଦୀ ନାଳ ବର୍ଷା ପାଣିରେ ବୁଡି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଅତ୍ୟଧିକ ବର୍ଷା ଯୋଗୁ ମାଲକାନଗିରିରୁ ମୋଟୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ବୁଡିଯାଇଥିବା ଦେଖିବାକୁ ମିଳିଛି। ମଙ୍ଗଳବାରଠାରୁ ଏହି ପୋଲ ଦେଇ ବର୍ଷା ପାଣି ପ୍ରବାହିତ ହେଉଥିବା ଯୋଗୁ ଏହି ରାସ୍ତା ଦେଇ ଯାତାୟତ ବନ୍ଦ ହୋଇଥିଲା । ବୁଧବାର ସମ୍ପୂର୍ଣ୍ଣ ଯାତାୟାତ ବନ୍ଦ ରହିଥିଲା। ବ୍ରିଜ ଉପରେ ୪ ଫୁଟ ଫୁଟ ଉଚ୍ଚରେ ପାଣି ପ୍ରଭାବିତ ହେଉଥିବାରୁ ଏହି ରାସ୍ତା ଦେଇ ଯାଉଥିବା ଯାନବାହନ ଚଳାଚଳ ବନ୍ଦ ରହିଥିଲା । କାଙ୍ଗୁରୁକୋଣ୍ଡା ବ୍ରିଜ ଉଭୟ ପାର୍ଶ୍ୱରେ ଶତାଧିକା ଗାଡି ଅଟକି ରହିଥିବା ଦେଖିବାକୁ ମିଳିଛି।

ସେହିଭଳି ଏମ୍‌ଭି ୯୦ ଗ୍ରାମଠାରେ ଥିବା ଗୁବୁଲୁର ନାଳ, ଫାର୍ମ କଲୋନି, ଏମ୍‌ଭି ୯୬ ପୋଲ ଉପରେ ମଧ ପାଣି ପ୍ରବାହିତ ହେବାରୁ ସେଠାରେ ମଧ ଯାତାୟାତ ବନ୍ଦ ରହିଥିଲା । ତେବେ ବର୍ତ୍ତମାନ ସୁଦ୍ଧା ବର୍ଷା ଲାଗି ରହିଥିବା ବେଳେ ବର୍ଷା ପାଣି ଅଧିକ ହେବା ଆଶଙ୍କା ଦେଖାଦେଇଛି । ତେବେ ବିଭିନ୍ନ ପୋଲ ଉପରେ ଜଳ ସ୍ତର ଧୀରେ ଧୀରେ ବୃଦ୍ଧି ପାଇବାରୁ ପ୍ରଶାସନ ତଥା କାଲିମେଲା ଥାନା ପୋଲିସ ଓ ପୋଟେରୁ ଫାଣ୍ଡି ପୋଲିସ କର୍ମଚାରୀମାନେ ସେଠାରେ ପହଁଚି ସୁରକ୍ଷା ଦୃଷ୍ଟିରୁ ବ୍ରିଜ ପାର ନ ହେବାକୁ ଲୋକଙ୍କୁ ବାରଣ କରୁଛନ୍ତି । ବର୍ଷା ଯୋଗୁ ନଦୀ କୁଳିଆ ଅଞ୍ଚଳରେ ବାସ କରୁଥିବା ଲୋକମାନେ ଭୟଭୀତ ହୋଇ ରହିଛନ୍ତି। ସେହିପରି କାଲିମେଲାରୁ ପଡିଆକୁ ସଂଯୋଗ କରୁଥିବା କନ୍ୟାଶ୍ରମ ବ୍ରିଜ ମଧ ବନ୍ୟା ପାଣିରେ ବୁଡି ଯାଇଥିବା ଦେଖିବାକୁ ମିଳିଛି । ବ୍ରିଜ ଉପରେ ୩ ୪ ଫୁଟ ପାଣି ପ୍ରଭାବିତ ହେଉଥିବା ବେଳେ ପଡିଆ ବ୍ଲକର ବିଭିନ୍ନ ଗାଁ ବିଛିନ୍ନ ହୋଇରହିଛି। ବନ୍ୟାକୁ ନଜରରେ ରଖି ଜିଲା ଓ କାଲିମେଲା ପ୍ରସାଶନ ଅଧିକାରୀମାନେ ସଜାଗ ରହିଛନ୍ତି । କାଲିମେଲା ତହସିଲଦାର ଟାଇନୁ ଗଣ୍ଡ, ବିଡିଓ ପ୍ରଦୀପ କର ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥିତି ଉପରେ ନଜର ରଖିଛନ୍ତି ।

## ଏମ୍‌ପିଭି ୧୬ ଗ୍ରାମରେ ୪ ଜଣଙ୍କ ଘରେ ପଶିଲା ପାଣି

**କାଲିମେଲା, ୧୯।୭(ଜୀବନକୃଷ୍ଣ ଦାସ )**

ଲଘୁଚାପ ଜନିତ ବର୍ଷରେ ସାରା ମାଲକାନଗିରି ଜିଲାରେ ୪ ଦିନ ହେଲା ଲଗାଣ ବର୍ଷା ଜାରି ରହିଥିବା ବେଳେ ଏ ନେଇ କାଲିମେଲା ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହା ଭିତରେ କାଙ୍ଗୁରୁକୋଣ୍ଡା ଆରଆଇ ସର୍କଲ ଅନ୍ତର୍ଗତ ଏମ୍‌ପିଭି ୧୬ ଗ୍ରାମରେ ୪ ଜଣଙ୍କ ଘରେ ପାଣି ପଶିଥିବା ଦେଖିବାକୁ ମିଳିଛି । ସଞ୍ଜୟ ମଣ୍ଡଳ, ଜଗଦୀଶ ମଣ୍ଡଳ, ସୁକୁମାର ବାଚାର୍ଡ, ସମୀର ମଣ୍ଡଳ ଏବଂ ସୁକୁମାର ମଣ୍ଡଳଙ୍କ ଘର ଭିତରେ ପାଣି ପଶି ଯାଇଥିଲା । ଏହି ପରିବାର ସମସ୍ତ ସଦସ୍ୟ ଏକ ପ୍ରକାର ପାଣି ଘେରରେ ନିଜ ପିଲା ଛୁଆଙ୍କୁ ନେଇ ରାତ୍ରିଯାପନ କରିଥିଲେ । ତେବେ ଅତ୍ୟଧିକ ବର୍ଷାରେ ସେମାନଙ୍କ ଘର ଭାଙ୍ଗି ନଷ୍ଟ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏ ନେଇ ଖବର ପାଇ ରାଜସ୍ୱ କର୍ମଚାରୀମାନେ ସେମାନଙ୍କୁ ସେଠାରୁ ଉଦ୍ଧାର କରି ସ୍ଥାନୀୟ ବିଦ୍ୟାଳୟ ବନ୍ୟା ଆଶ୍ରୟ ସ୍ଥଳରେ ରଖିଥବା ଜଣାପଡିଛି ।

# ବର୍ଷାରେ ଚିତ୍ରକୋଣ୍ଡା ବେହାଲ

**ଚିତ୍ରକୋଣ୍ଡା, ୧୯।୭(କ୍ଷୀରୋଦ ବେହେରା)**



ନଦୀରେ ବୃଦ୍ଧି ପାଇଥିବା ଜଳସ୍ତର ।

ମାଲକାନଗିରି ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ୪ ଦିନ ହେଲା ଲାଗି ରହିଥିବା ବେଳେ ଚିତ୍ରକୋଣ୍ଡାରେ ଆଶାନୁରୂପ ଭାବରେ ମଧମ ଧରଣର ବର୍ଷା ଲାଗି ରହିଥିଲା । ଗତ କାଲି ରାତିରୁ ଚିତ୍ରକୋଣ୍ଡାରେ ବର୍ଷା ଲାଗି ରହିଛି। ଚାରି ଦିନ ଲଗାଣ ବର୍ଷାରେ ବେହାଲ ହୋଇପଡିଛି ଚିତ୍ରକୋଣ୍ଡା । ଲଗାଣ ବର୍ଷା ଯୋଗୁ ବାହାରକୁ ବାହାରିବା କଷ୍ଟ ହୋଇ ପଡିଛି। ଚିତ୍ରକୋଣ୍ଡାରେ ୨୧୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଚିତ୍ରକୋଣ୍ଡା ଡ୍ୟାମରେ ଯଦିଓ ବେଶି ଜଳ ବୃଦ୍ଧି ହୋଇନାହିଁ ତଥାପି ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି । ଆଜି ସକାଳ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ୧୪୫୭.୭୦ଫୁଟରେ ପହଞ୍ଚିଛି । ସେଇଭଳି ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଅତ୍ୟଧିକ ବର୍ଷା ହୋଇ ପଣଷପୁଟ ପଞ୍ଚାୟତ ଗୋରାସେତୁ ଓ ବେଙ୍ଗି ବ୍ରିଜ ଉପରେ ତିନି ଚାରି ଫୁଟର ପାଣି ଯାଉଥିବା ଦେଖିବାକୁ ମିଳିଥିଲା। ସେଥିପାଇଁ ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଯାତାୟାତ ଠପ୍ ହୋଇଯାଇଛି। ନଦୀ ନାଳ ପୋଖରୀ, ଗାଡିଆଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଏହି ଲଗାଣ ବର୍ଷା ଯୋଗୁ ଚିତ୍ରକୋଣ୍ଡାଠାରୁ ସ୍ୱାଭିମାନ ଅଞ୍ଚଳ ବିଚ୍ଛିନ୍ନ ହୋଇଛି। ସ୍ୱାଭିମାନ ଅଞ୍ଚଳ ଅଣ୍ଡରାପାଲି ପଞ୍ଚାୟତର ଗୋରାସେତୁ ପୋଲ ଉପରେ ୩/ ୪ ଫୁଟର ପାଣି ଯାଉଥିବା ଯୋଗୁ ଯାତାୟାତ ବାଧା ପ୍ରାପ୍ତ ହୋଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷାରେ ପୋଲ ଉପରେ ପାଣି ଯାଉଥିବା ଯୋଗୁ ଚିତ୍ରକୋଣ୍ଡା, ମାଲକାନାଗିରିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦୁଇ ପାର୍ଶ୍ୱରେ ଲୋକେ ଅଟକି ରହିଛନ୍ତି। ଯଦ୍ୱାରା ଅଣ୍ଡରାପାଲି, ପଣସପୁଟ, ଯନ୍ତ୍ରୀ ଏହି ତିନୋଟି ପଞ୍ଚାୟତ ବିଚ୍ଛିନ୍ନ ହୋଇଯାଇଛି।

# ଲଗାଣ ବର୍ଷା: କାଲିମେଲା-ମାଲକାନଗିରି ଯାତାୟାତ ବନ୍ଦ

**ପୋଟେରୁ, ୧୯।୭(ସୌରଭ ମଣ୍ଡଳ)**

ମାଲକାନଗିରି ଜଲାରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଫଳରେ କାଲିମେଲା-ମାଲକାନଗିରି ଜାତୀୟ ରାଜପଥ ପୋଟେରୁ ପୋଲ ଉପରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ପୋଲ ଉପରେ ପାଖାପାଖି ୨ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଥିବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ସେହିପରି ପୋଟେରୁ ନର୍ସରୀ ଏବଂ କାକୋରକୋଣ୍ଡା ପୋଲ ଉପରେ ମଧ ପାଖାପାଖି ୩ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଥିବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ଫଳରେ ଉଭୟ ପଟେ ବହୁ ବସ୍ ଓ ଟ୍ରକ ଅଟକି ରହିଛି । ଲଗାଣ ବର୍ଷାରେ ନଦୀ ଫୁଲୁ ଥିବାରୁ ପଚ୍ଛୁଆ ଜଳରେ ଏହି ରାସ୍ତା ସବୁ ବୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ତେବେ ମାଲକାନଗିରି ଜିଲାର ଛୋଟ ବଡ଼ ନଦୀଗୁଡିକର ଜଳସ୍ତର ବୃଦ୍ଧି ପାଇଥିବାରୁ ପ୍ରଶାସନ ପକ୍ଷରୁ ସେ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ନଦୀ କୂଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିବା ସୂଚନା ମିଳିଛି ।

# ପାଣିରେ ପଡିଲା କୋଟିଏ ଟଙ୍କା

**ବାଲିମେଲା, ୧୯।୭(ଶିବଦତ୍ତ ସାହୁ)**

**ଫେଲ ମାରିଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା**

- ଉଠିଯାଇଛି ପିଚୁ, ରାସ୍ତା ସାରା ଖାଲ
- ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ
- ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମିତ ରାସ୍ତା ଅଳ୍ପ ଦିନରେ ନଷ୍ଟ ହୋଇଯାଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହୋଇ ଯାତାୟାତରେ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି। ଫଳରେ ରାସ୍ତା ନିର୍ମାଣରେ ବ୍ୟୟ ହୋଇଥିବା କୋଟିଏ ଟଙ୍କା ପାଣିରେ ପଡିଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତରେ। ନିମ୍ନମାନର କାମ ଯୋଗୁ ରାସ୍ତାର ଏଭଳି ଅବସ୍ଥା ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରି ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ବାଲିମେଲା ସହର ସୀମାନ୍ତ ଅଞ୍ଚଳରୁ ପୁରୁଣା ଓର୍କେଲ ଗ୍ରାମ ଶେଷ ମୁଣ୍ଡ ପର୍ଯ୍ୟନ୍ତ ହୋଇଥିବା ଏହି ୨ କି.ମି. ୭୦୦ମିଟର ରାସ୍ତା ନିର୍ମାଣ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ କରାଯାଇଥିଲା। ଲିପୁ ପରିଡା ନାମକ ଜଣେ ଠିକାଦାର କାର୍ଯ୍ୟାଦେଶ ପାଇଥିଲେ। ଗତ ୩।୩।୨୦୧୮ରେ ରାସ୍ତା କାମ ଆରମ୍ଭ ହୋଇ ୨୧।୨। ୨୦୧୮ରେ କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ପାଞ୍ଚ ବର୍ଷ ମଧ୍ୟରେ ରାସ୍ତା ମରାମତି ପାଇଁ ୧୧ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଅଳ୍ପ କେଇଟା ମାସରେ ରାସ୍ତାର ଅବସ୍ଥା ଏବେ ଖରାପ ହୋଇପଡିଛି।

ଏଥିରେ ବହୁ ଅନିୟମିତତା ହୋଇଥିବାରୁ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନିର୍ମିତ ରାସ୍ତାରୁ ଇତି ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ପିଚୁ ଉଠିଗଲାଣି। କେତେକ ସ୍ଥାନରେ ରାସ୍ତା ଦବିଯାଇଛି। ବର୍ଷା ହେଲେ ରାସ୍ତାରେ କୃତ୍ରିମ ଗଡ଼ିଆ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏ କାଦୁଅ ହୋଇଯାଇଛି । ପୁରୁଣା ଓର୍କେଲ, ସୋର୍ଲକୋଣ୍ଡା, ଏମଭି-୫୧,ଏମଭି-୫୨,ନମ୍ବର ଗାଁ ସମେତ ଉକ୍ତ ପଞ୍ଚାୟତର ବହୁ ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳବାସୀ ଏହି ରାସ୍ତାରେ ମାଲକାନଗିରି ସହର, କୋରଭୁକୋଣ୍ଡା ବ୍ଲକ ଓ ବାଲିମେଲା ସହରକୁ ଯାତାୟାତ କରିଥାନ୍ତି । ରାସ୍ତା ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରସାଶନିକ ଅଧିକାରୀମାନେ ଅବଗତ ଥିଲେ ସୁଦ୍ଧା ନିରବଦ୍ରଷ୍ଟା ପାଲଟିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ଠିକ୍ ରୂପେ ରାସ୍ତା ନିର୍ମାଣ ଲାଗି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମାଣିକ କୁମ୍ଭାରଙ୍କୁ ପଚାରିବା ଲାଗି ତାଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଫୋନ ଗ୍ରହଣ ନ କରିବାରୁ ତାଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



ପିଚୁ ଉଠି କାଦୁଅରେ ପରିଣତ ହୋଇଥିବା ରାସ୍ତା ।

# ମାଲକାନଗିରିରେ ବନ୍ୟାସ୍ଥିତି, ବୁଡ଼ିଲା ପୋଲ



ପାଙ୍ଗାମା ନଦୀ ପୋଲ ବୁଡ଼ିଛି।

**ମାଲକାନଗିରି, ୧୯।୭(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାରେ ମୌସୁମୀ ବର୍ଷା ଦ୍ୱାରା ବିଭିନ୍ନ ନଦୀ ନାଳରେ ପାଣି ଆସିବା ଦ୍ୱାରା ଜିଲାର ଅନେକ ପୁରୁଣା ପୋଲ ଉପରେ ଜଳ ପ୍ରବାହିତ ହେବା ସହ ସହର ଓ ଗ୍ରାମାଞ୍ଚଳ ଜଳମଗ୍ନ ହୋଇଛି। ଫଳରେ ଜିଲାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବହୁ ବର୍ଷ ପୂର୍ବରୁ ଏପରି ସମସ୍ୟା ଦେଖିବାକୁ ମିଳି ନ ଥିଲା। କାରଣ ବହୁ ପରିମାଣର ଜଙ୍ଗଲ ଥିବାରୁ ବର୍ଷା ଜଳ ପାହାଡିଆ ଅଞ୍ଚଳରୁ ତଳକୁ ଆସୁ ନ ଥିଲା। ବର୍ଷା ଜଳ ଜଙ୍ଗଲର ବୃକ୍ଷ ରାଜି ଦ୍ୱାରା ମାଟି ତଳେ ସଂରକ୍ଷଣ ହେବା ସହ ଧୀରେ ଧୀରେ ସମତଳ ଅଞ୍ଚଳ କିମ୍ବା ନଦୀ ନାଳରେ ପ୍ରବେଶ କରୁଥିଲା। ଏହା ଦିର୍ଘ ଦିନ ଧରି ନଦୀ ନାଳରେ ପ୍ରବାହିତ ହେବା ଦ୍ୱାରା ପୋଲ ଉପରକୁ ଜଳସ୍ତର ବୃଦ୍ଧି ହେଉ ନ ଥିଲା।

ଅନ୍ୟ ପଟେ ଜିଲା କିମ୍ବା ବ୍ଲକ ସଦର ମହକୁମାରେ କୋଠାଘର କିମ୍ବା ଜନବସତି ଅଧିକ ନ ଥିବା ବେଳେ ଚତୁଃପାର୍ଶ୍ୱରେ ଜଙ୍ଗଲ କିମ୍ବା ଚାଷ ଜମି ଥିଲା । ଫଳରେ ବର୍ଷା ଜଳ ଚାଷ ଜମିରେ ସୀମିତ ରହି ଅବଶିଷ୍ଟ ନଦୀ ନାଳରେ ମିଶୁଥିଲା। ଜଙ୍ଗଲର ଅବକ୍ଷୟ, ନାଳ ନର୍ଦ୍ଦମା ଉପରେ ଘର କରିବା ଦ୍ୱାରା ଉପରମୁଣ୍ଡର ଜଳ ନିଷ୍କାସନରେ ବାଧାପ୍ରାପ୍ତ ହୋଇ ସହରର ଏଣେତେଣେ ପ୍ରବେଶ କରୁଛି।

ଜିଲାରେ ସପ୍ତଧାରା ନଦୀରେ ବର୍ଷା ଦିନେ ଦୁଇଟି ପୁରୁଣା କଲଭର୍ଟ ଉପରେ ପାହାଡିଆ ବର୍ଷାଜଳ ପ୍ରବାହିତ ହେବାରୁ ଗମନା ଗମନା ବାଧାପ୍ରାପ୍ତ ହେଉଥିଲା। ତାହାକୁ ରାଜ୍ୟ ସରକାର ଉଚ୍ଚ ପୋଲରେ ପରିଣତ କରିଥିବାରୁ ସେହି ସମସ୍ୟା ଦୂର ହୋଇଛି। ଆଗାମୀ ଦୁଇଦିନ ମାଲକାନଗିରି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ଏହି ବର୍ଷା ଦ୍ୱାରା ପରିସ୍ଥିତି ଆହୁରି ବିଗିଡିବାର ସମ୍ଭାବନା ଅଛି। ତେବେ ପ୍ରଶାସନ ତରଫରୁ ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ, ଉପଜଲାପାଳ, ତହସିଲଦାର, ବିଡିଓ ବିଭିନ୍ନ ଅଞ୍ଚଳ ଗସ୍ତ କରି ପରିସ୍ଥିତି ଉପରେ ନଜର ରଖିଛନ୍ତି । ଜିଲା ପ୍ରଶାସନ ଦେଇଥିବା ସୂଚନା ଅନୁଯାୟୀ ମାଲକାନଗିରି ଜିଲାରେ ସର୍ବାଧୀକ ୯୪୩.୨ ମିଲିମିଟର ବର୍ଷା ହେଇଥିବା ବେଳେ ହାରାହାରି ୧୩୪.୩୪ ବର୍ଷା ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଜୁଲାଇ, ୨୦୨୩

**କୋରାପୁଟ ଜିଲାରେ ୨୯୨.୭ମି.ମି. ବର୍ଷା**

କୋରାପୁଟ(ଅମିତାଭ ବେହେରା): କୋରାପୁଟ ଜିଲାରେ ବୁଧବାର ୨୯୨.୭ ମି.ମି. ବର୍ଷା ହୋଇଛି। ଜିଲାର ଦଶମନ୍ତପୁର ବ୍ଲକରେ ସର୍ବାଧିକ ୪୬ ମି.ମି. ବର୍ଷା ହୋଇଥିବା ବେଳେ ଲକ୍ଷ୍ମୀପୁର ବ୍ଲକରେ ସର୍ବନିମ୍ନ ୧୧ ମି.ମି. ବର୍ଷା ହୋଇଛି। ସେହିପରି ବୈପାରିଗୁଡା ବ୍ଲକରେ ୨୩ ମି.ମି., କୋରାପୁଟ ବ୍ଲକରେ ୨୦ ମି.ମି., ଲମତାପୁଟ ବ୍ଲକରେ ୩୨ ମି.ମି., ଜୟପୁର ବ୍ଲକରେ ୧୯.୮ ମି.ମି., କୋଟପାଡ ବ୍ଲକରେ ୨୧.୨ମି.ମି. ପଟ୍ଟାଙ୍ଗି ବ୍ଲକରେ ୧୪.୩ ମି.ମି., ନନ୍ଦପୁର ବ୍ଲକରେ ୩୩ ମି.ମି.,ସେମିଳିଗୁଡା ବ୍ଲକରେ ୨୨ ମି.ମି., କୁନ୍ଦୁରା ବ୍ଲକରେ ୨୧.୬ ମି.ମି., ନାରାୟଣପାଟଣା ବ୍ଲକରେ ୧୩.୨ ମି.ମି., ବନ୍ଧୁଗାଁ ବ୍ଲକରେ ୧୨ ମି.ମି. ଓ ବୋରିଗୁମ୍ମା ବ୍ଲକରେ ୧୩.୬ ମି.ମି. ବର୍ଷା ହୋଇଛି।



## ସଂକ୍ଷେପରେ

### ବିଦ୍ୟାଳୟକୁ ଜଳ ବିଶୁଦ୍ଧକରଣ ଯନ୍ତ୍ର ପ୍ରଦାନ



**ଜୟପୁର,୧୯୭ (ପବନ ପାଣିଗ୍ରାହୀ):** ଜୟପୁର ରୋଟାରି କ୍ଲବ ପ୍ରାଇଡ ପକ୍ଷରୁ କୁନ୍ଦାରିଗୁଡା ପ୍ରାଥମିକ ବିଦ୍ୟାଳୟକୁ ବୁଧବାର ଏକ ଜଳ ବିଶୁଦ୍ଧକରଣ ଯନ୍ତ୍ର ପ୍ରଦାନ କରାଯାଇଛି। ପୂର୍ବତନ ସଭାପତି ରାମନାଥ ସାହୁଙ୍କ ଅନୁମୋଦନକ୍ରମେ ପୂର୍ବତନ ଜିଲା ଗଭର୍ଣ୍ଣର ଏହି ପ୍ରସ୍ତାବକୁ ପାରିତ କରିଥିଲେ। ଏହା ପ୍ରଦାନ ସମୟରେ ରୋଟାରି କ୍ଲବ ପ୍ରାଇଡର ସଭାପତି ଅଶୋକ ମିଶ୍ର, ରାମହରି ପଣ୍ଡା, ପ୍ରଦୀପ ସାମନ୍ତରାୟ, ମୁରଲି ସାବତ, ସନ୍ତୋଷ ମହାପାତ୍ର, କାହ୍ନୁ ପାତ୍ର, ଏମ. ଋତିକେଶ, କାକୁରାମ ପଣ୍ଡା, ପ୍ରଦୀପ ସାହୁ, ପ୍ରଭାକର ଚୌଧୁରୀ, ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ସାହୁ, ଶିକ୍ଷୟିତ୍ରୀ ଗିତାରାଣୀ ପାଢୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କାଲିମେଳା, ୧୮।୭(ଜୀବନ କୃଷ୍ଣ ଦାସ):** ମାଲାକାନଗିରି ଜିଲା କାଲିମେଳା ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାରବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସହକାରୀ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ଦାସ ମେ ୩୧ରେ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ବେଳେ ଛୁଟି ଥିବାରୁ ବୁଧବାର ତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ କାଲିମେଳା ଆଞ୍ଚଳିକ ସାଧାନ କେନ୍ଦ୍ର ସଂଯୋଜକ ରଞ୍ଜିତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକଙ୍କୁ ଅଙ୍ଗବସ୍ତ୍ର, ସାଲ, ଛତା ଏବଂ ଅନ୍ୟାନ୍ୟ ଦେଇ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନିମାଇଁ ସିଂ, ଶିକ୍ଷୟିତ୍ରୀ ମମତା ମହାପାତ୍ର, ମୀନତି ବାଳା ଦତ୍ତ, ସ୍ମୃତିରେଖା ଦାସ, ରାଧାରାଣୀ ମହାପାତ୍ର, ସଞ୍ଜୁଲତା ସେଠୀ, ପ୍ରଭାରାଣୀ ରାହା ଓ ଶିକ୍ଷକ ଭୀମା ପଡିଆମି ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**କୁଡୁମୁଲୁଗୁମ୍ମା, ୧୯।୭(ସୁଜିତ ପଟ୍ଟନାୟକ:** ମାଲକାନଗିରି ଜିଲା ଖଇପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ତହସିଲ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ତହସିଲଦାର ଅଶୋକ ମୁଦୁଲି ଗ୍ରହଣ କରିଥିଲେ। ଏଥିରେ ଉଲ୍ଲେଖ ରହିଛି ଯେ, ଆଦିବାସୀଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ଏବଂ ସେମାନଙ୍କ ସମ୍ମାନହାନି ନେଇ ହେଉଥିବା ଷଡଯନ୍ତ୍ର ପ୍ରତିବାଦରେ ଅଗଷ୍ଟ ୭ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ବୁଧବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିବା ଦାବିପତ୍ରରେ ଅବଗତ କରାଯାଇଛି। ଏହି ଅବସରରେ ଗାଦବା ସମାଜର ଜିଲା ସଭାପତି ଭୀଷ୍ମ ଖିଲ, ପୂର୍ବତନ ବିଧାୟିକା ମମତା ମାଢ଼ି, କନ୍ଧ ସମାଜର ହରିବନ୍ଧୁ ଗୋଲରି, ବଣ୍ଡା ସମାଜର ମୁକୁନ୍ଦ ମାଝୀ, ଦେବେନ୍ଦ୍ର ଖିଲଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଚାନ୍ଦିଲି, ସୁଙ୍କିରେ ହେବ ଆଦିବାସୀ ସଂସ୍କୃତି ଆଧାରିତ ୨ ଗେଟ୍

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବୈଠକ**

- ଆଦିବାସୀ ଯୁବତୀଯୁବକଙ୍କୁ ମିଳିବ ଧନ୍ଦାମୂଳକ ତାଲିମ
- ବିଭିନ୍ନ କାର୍ଯ୍ୟକ୍ରମ, ପଞ୍ଚାୟତ ସମିତି ବୈଠକକୁ ଡାକୁନାହାନ୍ତି ବିଡିଓ
- ୧୨ କୋଟି ୬୦ ଲକ୍ଷର କାର୍ଯ୍ୟଖସଡା ଉପରେ ଆଲୋଚନା
- ସୀମାନ୍ତରେ ସ୍ଥାପନ ହେବ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି

କୋରାପୁଟ,୧୯।୭
(ଅମିତାଭ ବେହେରା)


ଏସ୍‌ଡିସି ବୈଠକରେ ସଦସ୍ୟାସଦସ୍ୟମାନେ ଆଲୋଚନା କରୁଛନ୍ତି।

କୋରାପୁଟସ୍ଥିତ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ବୁଧବାର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି)ର ତୃତୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୨୦୨୩-୨୪ ବର୍ଷ ପାଇଁ ୧୨ କୋଟି ୬୦ ଲକ୍ଷ ଟଙ୍କାର କାର୍ଯ୍ୟଖସଡା ଉପରେ ଆଲୋଚନା ହୋଇଥିଲା। ସେହିପରି ଜିଲାର କୋଟପାଡର ଛତିଶଗଡ ସୀମାନ୍ତ ଚାନ୍ଦିଲି ଏବଂ ପଟ୍ଟାଙ୍ଗି ବ୍ଲକର ସୁଙ୍କିଠାରେ ଆଦିବାସୀ ସଂସ୍କୃତି ଆଧାରିତ ୨ଟି ଗେଟ୍ ନିର୍ମାଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଜିଲାର ବିଭିନ୍ନ ସୀମାନ୍ତରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ସ୍ଥାନୀୟ ଅଞ୍ଚଳର ଆଦିବାସୀ ଯୁବତୀଯୁବକଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝିଙ୍କ ସଭାପତିତ୍ୱରେବସିଥିବା ଏହି ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାର, ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ ଯୋଗଦେଇ ଜିଲାର ଆଦିବାସୀ ସଂସ୍କୃତି ଓ କ୍ରୀଡାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ଆଦିବାସୀଙ୍କ ପବିତ୍ର ପୂଜା ସ୍ଥଳର ବିକାଶ, ଆଦିବାସୀ ନୃତ୍ୟ ଦଳକୁ ବାଜା ସହ ଡ୍ରେସ ପ୍ରଦାନ, ସେମାନଙ୍କ କ୍ରୀଡାର ବିକାଶ ନେଇ ବିଭିନ୍ନ ସମୟରେ କ୍ରୀଡା ପ୍ରତିଯୋଗିତା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧୫ କୋଟି ୫୮ ଲକ୍ଷ ଟଙ୍କାର ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହେବାସହ ୨୦୨୩-୨୪ ବର୍ଷ ପାଇଁ ୧୨ କୋଟି ୬୦ ଲକ୍ଷ ଟଙ୍କାର କାର୍ଯ୍ୟ ଖସଡା ଉପରେ ଆଲୋଚନା କରାଯାଇଥିବା ଜରାପଡିଛି। ସେହିପରି ବୈଠକରେ ୮ କୋଟି ୪୦ ଲକ୍ଷ ଟଙ୍କାର ଏକ ଅତିରିକ୍ତ ଆକ୍ସନ ପ୍ଲାନ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଏସ୍‌ଡିସି ସଦସ୍ୟା ପାର୍ବତୀ ମସ୍ତି ଯୋଗଦେଇ ଜିଲାର ବିଭିନ୍ନ ବ୍ଲକରେ ଆଦିବାସୀଙ୍କ ଉନ୍ନତି ନେଇ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିଡିଓମାନେ ଏସ୍‌ଡିସିର ସଦସ୍ୟା ସଦସ୍ୟଙ୍କୁ ଜଣାଉ ନ ଥିବା ଅଭିଯୋଗ କରିଥିଲେ। ସେହିପରି ପଞ୍ଚାୟତ ସମିତି ବୈଠକକୁ ଏସ୍‌ଡିସିର ସଦସ୍ୟାସଦସ୍ୟଙ୍କୁ ଡାକିବାକୁ ନିର୍ଦ୍ଦେଶ ଥିବାବେଳେ ଅଧିକାରୀମାନେ ଏହାକୁ ଉଲ୍ଲଂଘନ କରୁଥିବା ସେ ଅଭିଯୋଗ କରିଥିଲେ। ବୈଠକରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କାରୁ ସୋରେନ, ଜୟପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୋପୀନାଥ ସାରକା, ସହକାରୀ ଯନ୍ତ୍ରୀ ସଞ୍ଜୟ କେସପଟ୍ଟା ଓ ଦିଲୀପ ଗିରିଙ୍କ ସମେତ ଏସ୍‌ଡିସିର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ଏସ୍‌ଡିସି କାର୍ଯ୍ୟକ୍ରମ ସଂଯୋଜକ କାଶୀ ପ୍ରସାଦ ନାୟକ ପରିଚାଳନା କରିଥିଲେ।

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଗୁରୁତ୍ୱ

କୋଟପାଡ଼,୧୯।୭
(ରାଜ ଶେଖର ରାଜ )

କୋରାପୁଟ ଜିଲା କୋଟପାଡ଼ ଚାନ୍ଦିଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହେଇଛି। ଏଥିରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମଗୁଡିକର ସଫଳ ରୂପାୟନ ଯେପରି ପ୍ରତି ପଞ୍ଚାୟତର ବୁଥସ୍ତରରେ ପହଞ୍ଚିବ ତାହାକୁ ଭିତ୍ତି କରି ଏପରି କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଜଣାପଡିଛି। କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବାକୁ ବିଧାୟିକା ପଦ୍ମିନୀ ଦିଆନଙ୍କ ନେତୃତ୍ୱରେ କୋଟପାଡ ବ୍ଲକର ୧୭ ପଞ୍ଚାୟତରେ ସଭା କରାଯାଇଛି। ଏଥିରେ ସତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଗୁପ୍ତା, ପର୍ଯ୍ୟବେକ୍ଷକ ସୂର୍ଯ୍ୟ ଯନାରାୟଣ ରଥ, ସହ ପର୍ଯ୍ୟବେକ୍ଷକ ନାରାୟଣ ବିଶୋୟୀ, ବ୍ଲକ ଅଧ୍ୟକ୍ଷା କମଳା ପୂଜାରୀ, ଜିଲ୍ଲା ପରିଷଦ ସଭ୍ୟ ତ୍ରିପତି ଚଲାନ, ଗୀତା ମାଝୀ, ସତୀ ସାବିତ୍ରୀ ମାଝୀ, ଏମ୍‌ପିଙ୍କ ଏନଏସି ପ୍ରତିନିଧି ସୁଶାନ୍ତ ବକ୍ସି, ବ୍ଲକ ଏମ୍‌ପି ପ୍ରତିନିଧି ତ୍ରିପତି ବାଲାଜୀ ମହାନ୍ତି, ବିଧାୟକ ପ୍ରତିନିଧି ସୁଧୀର ଚନ୍ଦ୍ର ମହାନ୍ତି, ଏନଏସି ସଭାପତି ଅରିଫ ପଟେଲ, ବ୍ଲକ ସଭାପତି ଗୋପାଳ ଲାଲ ସିଂ ଦେବ, ଖଦି ବୋର୍ଡ ସଦସ୍ୟ ପ୍ରଶାନ୍ତ ମହାନ୍ତି, ଏମଡି ସଲିମ, ଲକ୍ଷ୍ମୀ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବିଧାୟକା ପଦ୍ମିନୀ ଦିଆନ ଆଲୋଚନା କରୁଛନ୍ତି।

# ପାହାଡ଼, ଜଙ୍ଗଲ, ଶୁଡଙ୍ଗ ସହ ଟନେଲ କରୁଛି କାର୍ଯ୍ୟ ବିଳମ୍ବ: ଡିଆରଏମ୍


ଜୟପୁର ଷ୍ଟେସନରେ ଡିଆରଏମ୍ ଅନୁପ ଶତପଥୀ ସମୀକ୍ଷା କରୁଛନ୍ତି।

**ଜୟପୁର ରେଳ ଷ୍ଟେସନରେ ୱାଲଟିୟର ଡିଆରଏମ୍‌ଙ୍କ ସମୀକ୍ଷା**

ଜୟପୁର, ୧୯।୭ (ପବନ ପାଣିଗ୍ରାହୀ)

ଜୟପୁର ରେଳ ଷ୍ଟେସନର ସମୀକ୍ଷା କରି ବୁଧବାର ଫେରିଛନ୍ତି ୱାଲ୍‌ଟିୟର ଡିଭିଜନ ଡିଆରଏମ ଅନୁପ ଶତପଥୀ। ତାଙ୍କ ସହ ଏକ ବୈଷୟିକ ଟିମ୍ ରେଳ ଷ୍ଟେସନରେ ପହଞ୍ଚି ସବୁଆଡେ ବୁଲି ସମୀକ୍ଷା କରିଛନ୍ତି। ଦୀର୍ଘ ଦିନ ଧରି ଜୟପୁର ରେଳ ଷ୍ଟେସନର ଉନ୍ନତି ସହ ନୂତନ ଟ୍ରେନ ଚଳାଚଳ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା। ଡିଆରଏମ୍ ଶତପଥୀଙ୍କ ଗସ୍ତ ପରେ ଜୟପୁର ରେଳ ଷ୍ଟେସନର ରୂପରେଖ ବଦଳିବ ବୋଲି ଆଶା କରାଯାଉଛି। ଦୀର୍ଘ ଦିନ ଧରି ବିଶାଖାପାଟଣା ଡିଭିଜନର କୋରାପୁଟ-ଜୟପୁରରେ ଡବଲ ରେଳଲାଇନ କାର୍ଯ୍ୟ ନିର୍ମାଣାଧୀନ ରହିଛି। ବିଶାଖାପାଟଣା ଠାରୁ କୋରାପୁଟ ମଧ୍ୟରେ ଅନେକ ପାହାଡ, ଜଙ୍ଗଲ,ଶୁଡଙ୍ଗ ଓ ଟନେଲ ଆଦି ରହିଥିବାରୁ କାର୍ଯ୍ୟରେ ବିଳମ୍ବ ହେଉଛି ବୋଲି ଡିଆରଏମ୍ ଶତପଥୀ କହିଥିଲେ। ଜୟପୁର ରେଳ ଷ୍ଟେସନର ଆବଶ୍ୟକ ଭିତ୍ତିଭୂମି ତାଲିକା ପ୍ରସ୍ତୁତ ହେଉଛି। ଏହା କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଖୁବ୍‌ଶୀଘ୍ର ଜୟପୁର ରେଳ ଷ୍ଟେସନର କୋଠା, ପାର୍କିଂ ଲିଫ୍ଟ, ଭିନ୍ନକ୍ଷମଙ୍କ ପାଇଁ ସୁବିଧା ସହ ପାନୀୟ ଜଳ ସୁବିଧା ହେବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଶତପଥୀ ଜୟପୁର-ନବରଙ୍ଗପୁର, ଜୟପୁର - ମାଲକାନଗିରି ରେଳ ଲାଇନ କାର୍ଯ୍ୟ ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଅମୃତ ଭାରତ ଯୋଜନାରେ ୧୬ଟି ଷ୍ଟେସନର ନବୀକରଣ ହେବ। ସେଥିରେ ଜୟପୁର ଷ୍ଟେସନ ସ୍ଥାନ ପାଇଛି।

# ସାମାଜିକ ସୁରକ୍ଷା ବିଭାଗର ଆବେଦନପତ୍ର ଗ୍ରହଣ

ଚିତ୍ରକୋଣ୍ଡା,୧୯।୭
(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡା ପଞ୍ଚାୟତରେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ଓ ବିଡ଼ିଓ ରଘୁନାଥ ମୁଣ୍ଡାରୀଙ୍କ ନିର୍ଦ୍ଦେଶ କ୍ରମେ ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ତିନିଟି ପଞ୍ଚାୟତ ଦୋରାଗୁଡ଼ା, ନୂଆଗୁଡା ଓ ଗୁଣ୍ଡାୱାଡ଼ା ପଞ୍ଚାୟତର ବିଭିନ୍ନ ଭତ୍ତା ଆବେଦନ ହିତାଧିକାରୀଙ୍କୁ ନେଇ ଦୋରାଗୁଡ଼ା ସରପଞ୍ଚ ଭଗବତୀ ନାୟକ,



ନୂଆଗୁଡା ସରପଞ୍ଚ ଶଶି ଖିଲ ଓ ଗୁଣ୍ଡାୱାଡ଼ା ସରପଞ୍ଚ ତ୍ରିନାଥ କିରସାନିଙ୍କ ସହଯୋଗରେ ଏକ ସାମାଜିକ ସୁରକ୍ଷା ବିଭାଗର ବିଭିନ୍ନ ଆବେଦନ ପତ୍ର ଗ୍ରହଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩ ପଞ୍ଚାୟତରୁ ୨୧୩ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୧୯୪ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ବିଧବା ଭତ୍ତା ପାଇଁ ୭ ଆବେଦନ ଗ୍ରହଣ କରାଯାଇଥିଲା, ସ୍ୱାମୀ ପରିତ୍ୟକ୍ତା ଭତ୍ତା ଜଣଙ୍କର ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ଅବିବାହିତ ଭତ୍ତା ନିମନ୍ତେ ୨ ଜଣଙ୍କର ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ସେଇଭଳି ଭିନ୍ନକ୍ଷମ ଭତ୍ତା ପାଇଁ ୯ଟି ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ଏଇଭଳି ମୋଟ ୨୧୩ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବିଏସ୍‌ଏସ୍‌ଓ ଶଶାଙ୍କ ସୌମ୍ୟ ରଞ୍ଜନ ଓ ଜୁନିଅର ଆସିଷ୍ଟାଣ୍ଟ ଅମର ମାଡ଼କାମି ପରିଚାଳନା କରିଥିଲେ।

# ଯୁକ୍ତ ୨ର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି।

**ବିଜ୍ଞାନ ଇଣ୍ଟରନ୍ୟାଶନାଲ କଲେଜ**

**କୋରାପୁଟ,୧୯।୭(ଅମିତାଭ ବେହେରା)**

ବୁଧବାର କୋରାପୁଟ ସହରର ପୁଜାରିପୁଟସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାଶନାଲ ଜୁନିୟର କଲେଜରେ ଯୁକ୍ତ ୨ର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ସଭାପତି ସୁବ୍ରତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥିଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ କଲେଜରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଯୋଗୁ ମହାବିଦ୍ୟାଳୟ ପରୀକ୍ଷାରେ ପ୍ରତିବର୍ଷ ସଫଳତା ପାଉଛି ବୋଲି ପ୍ରକାଶ କରଥିଲେ। ଏହି ଅବସରରେ ସେ ଛାତ୍ରୀଛାତ୍ରମାନଙ୍କୁ ଭଲ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗଦେଇ ନୂତନ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ଗଠନ ଦିଗରେ ବତ୍ରୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କଲେଜ ସଭାପତି ମିଶ୍ର ନୂତନ ଛାତ୍ରୀଛାତ୍ରମାନଙ୍କୁ କଲେଜର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। ସଭାରେ ଯୁକ୍ତ ୨ର ପ୍ରାୟ ୨ଶହ ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ପ୍ରଜ୍ଞାରାଣୀ ହିଆଲ ଧନ୍ୟବାଦ ଦେଇଥିଲେ।

# ବସ୍-ହାଇୱା ମୁହାଁମୁହିଁ ଧକ୍କା


ବସ୍‌କୁ ଧକ୍କା ଦେଇଥିବା ହାଇୱା।

**ଲକ୍ଷ୍ମୀପୁର, ୧୯।୭ (ଅନନ୍ତ ନାୟକ):** କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକର ୩୨୬ ନଂ. ଜାତୀୟ ରାଜପଥ ଟିମାଝୋଲା ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଓ ଏକ ହାଇୱା ଧକ୍କା ହୋଇଛି। କଡିଙ୍ଗାମାଳିରୁ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ହାଇୱାଟି ବସ୍‌ର ଏକ ସାଇଡକୁ ଧକ୍କା ଦେଇଥିଲା। ଏଥିରେ ବସ୍ ହେଲପର ସାହିଲ ମଣ୍ଡିଙ୍ଗା ଗୁରୁତର ହୋଇଛନ୍ତି। ତାଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମା’ ସନ୍ତୋଷୀ ନାମକ ଏହି ଘରୋଇ ଯାତ୍ରାବାହୀ ବସ୍‌ଟି ୪୦ ଜଣ ଯାତ୍ରୀଙ୍କୁ ଧରି ଗୁଣୁପୁରରୁ ଜୟପୁର ଅଭିମୁଖେ ଯାତ୍ରା କରୁଥିଲା। ତେବେ ଏହି ଦୁର୍ଘଟଣାରେ କୌଣସି ଯାତ୍ରୀଙ୍କର କିଛି କ୍ଷତି ଘଟିନାହିଁ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଟୋ ମାଲିକ ସଂଘର ଦାବିପତ୍ର

ଜୟପୁର,୧୯।୭ (ପବନ ପାଣିଗ୍ରାହୀ)


ଦାବିପତ୍ର ଦେବାକୁ ଆସିଥିବା ଅଟୋ ମାଲିକମାନେ।

ଅଟୋ ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦନ କରାଯାଇଛି। ଅଟୋ ଚାଳକ ଓ କର୍ମଚାରୀଙ୍କୁ ସରକାରଙ୍କ କଲ୍ୟାଣକାରୀ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନାରେ ସାମିଲ କରିବାକୁ ଏଥିରେ ଦାବି କରାଯାଇଛି। ଦୁର୍ଘଟଣାରେ ମୃତ ଡ୍ରାଇଭରଙ୍କ ପରିବାରକୁ ଇନସ୍ୟୁରାନ୍ସ ଓ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ଦେବା, ଗୁରୁତର ଆହତଙ୍କୁ ୮୦ ହଜାର ଟଙ୍କା, ସ୍ଥାୟୀ ଅର୍କମଣ୍ୟଙ୍କୁ ୧.୫ ଲକ୍ଷ, ସାଧାରଣ ମୃତ୍ୟୁକୁ ୨ ଲକ୍ଷ ଟଙ୍କା ଦେବାକୁ ସଂଘ ପକ୍ଷରୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରିଛୁ ବୋଲି ସଭାପତି ଅନିଲ ପଣ୍ଡା ଓ ଉପ ସଭାପତି କାହ୍ନୁ ଚରଣ ଗନ୍ତାୟତ କହିଛନ୍ତି।

# ସବୁ ଅଟୋ ହେବ ପଞ୍ଜୀକରଣ, ଚାଳକଙ୍କୁ ମିଳିବ ପରିଚୟପତ୍ର

**ଅଟୋ ମାଲିକ ସଂଘ - ପ୍ରଶାସନ ବୈଠକ**

ଜୟପୁର, ୧୯।୭ (ପବନ ପାଣିଗ୍ରାହୀ)


ନାଗରିକ କମିଟି ସହ ଉପଜିଲାପାଳ ଆଲୋଚନା କରୁଛନ୍ତି।

ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଟୋ ମାଲିକ ସଂଘ, ଚାଳକ ସଂଘ ସହ ପ୍ରଶାସନର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଉପଜିଲାପାଳ ବେଦବର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ଏସ୍‌ଡିପିଓ ହରିସେ ବିସି, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ସାଗରିକା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ନାଗରିକ କମିଟି ଗତ ଦିନରେ ଅଟୋ ଯାତ୍ରୀଙ୍କ ଦର ନିର୍ଦ୍ଧରଣ କରିବା, ସହରରେ ଟାଉନବସ୍ ଚଳାଚଳ କରିବା ଲାଗି ଦାବି କରିଥିଲା। ଜୟପୁରଠାରୁ ଜିଲା ଚିକିତ୍ସାଳୟ, ରେଳ ଷ୍ଟେଶନ, ଏୟାର ପୋର୍ଟ, ଆଦର୍ଶ ବିଦ୍ୟାଳୟ ଆଦି ବସଷ୍ଟାଣ୍ଡଠାରୁ ବହୁ ଦୁରରେ ରହିଛି।ଜନସାଧାରଣ ଚାଲିଚାଲି ସେଠାକୁ ଯାଇପାରୁନାହାନ୍ତି। ଫଳରେ ଅଧିକ ଅର୍ଥ ଦେଇ ସେମାନେ ଅଟୋରେ ଯିବାକୁ ବାଧ ହେଉଛନ୍ତି। କୌଣସି ଅଟୋରେ ମିଟର ନ ଥିବାରୁ ସେମାନେ ଯାତ୍ରୀଙ୍କଠାରୁ ମନଇଚ୍ଛା ଭଡା ନେଉଛନ୍ତି। ସେଥିସକାଶେ ସହରରେ ଗୋଟିଏ ଟାଉନ ବସ୍ ଚଳାଚଳ କରିବାକୁ ନାଗରିକ କମିଟି ସଭାପତି ମୀନ କେତନ ଦାସ ଦାବି କରିଥିଲେ। ନାଗରିକ କମିଟି ଦାବିକୁ ଉପଖଣ୍ଡ ପ୍ରଶାସନ ଗୁରୁତ୍ୱ ଦେଇ ବୁଧବାର ବୈଠକ ଡକାଇଥିଲେ। ବୈଠକରେ ସମସ୍ତ ଅଟୋର ପଞ୍ଜୀକରଣ କରାଯାଇ ନମ୍ବରିଂ କରାଯିବ। ସବୁ ଡ୍ରାଇଭର ଓ ମାଲିକଙ୍କ ନମ୍ବର ଅଟୋ ପଛରେ ରହିବ। ସମସ୍ତଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ଅଗଷ୍ଟ ୧୫ ପରେ ଯାତ୍ରୀଭଡା ନେଇ ଦର ନିର୍ଦ୍ଧାରଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସହରରେ ଅନାବଶ୍ୟକ ସ୍ଥଳରେ ରହିଥିବା ହମ୍ପସ୍ ଉଠାଯିବ। ୱେଲକମ ଛକଠାରୁ ସଙ୍ଗିତ୍ ହୋଟେଲ ଯାଏ ରାସ୍ତାକଡରେ ବସି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ହଟାଯିବ। ବାରିଣିପୁଟରୁ ରେଳ ଷ୍ଟେଶନ,ଏୟାର ପୋର୍ଟ, ଜିଲା ହସପିଟାଲକୁ ସହର ଦେଇ ସିଟି ବସ୍ ଚଳାଚଳ କରିବାକୁ ଆଲୋଚନା ହୋଇଛି। ବୈଠକରେ ନାଗରିକ କମଟି ସଭାପତି ଦାସ, ସୁରେଶ ଦାଶ, ଅଟୋ ମାଲିକ ସଂଘ ସଭାପତି ଅନିଲ ପଣ୍ଡା, ଉପସଭାପତି କାହ୍ନୁ ଚରଣ ଗନ୍ତାୟତ, ଆଇନଜୀବୀ ଚିନ୍ମୟୀ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପେଟ୍ରୋଲ ପମ୍ପରୁ ପାଣିମିଶା ତେଲ ପକାଇ ଗାଡ଼ି ଚାଳକ ହଇରାଣ

କାଲିମେଳା,୧୯।୭(ଜୀବନ କୃଷ୍ଣ ଦାସ )


ଜଣେ ବ୍ୟକ୍ତି ପାଣିମିଶା ପେଟ୍ରୋଲ ଦେଖାଉଛନ୍ତି।

ପେଟ୍ରୋଲ ପମ୍ପରୁ ପାଣି ମିଶା ପେଟ୍ରୋଲ ପକାଇ ହନ୍ତସନ୍ତ ହେଲେ ବାଇକ୍ ଓ କାର ମାଲିକ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଳା ପଡିଆ ଜାତୀୟ ରାଜପଥ ପୁସୁଗୁଡା ଏମ୍‌ଭି ୬୮ ଗ୍ରାମ ମଧ୍ୟରେ ଥିବା ଇଣ୍ଡିଆନ ପେଟ୍ରୋଲ ପମ୍ପରେ।

ସୂଚନା ଅନୁଯାୟୀ, ଏମ୍‌ଭି ୧୦୭ ଗ୍ରାମର ଅଶୋକ ମଣ୍ଡଳ, କାଲିମେଳା ଅଞ୍ଚଳର ଅମରେନ୍ଦ୍ର ବିଶ୍ୱାସ, ରଞ୍ଜିତ ମଣ୍ଡଳ, ଏମ୍‌ଭି ୬୮ ଗ୍ରାମର ସୁଶୀଲ ସମଜଦାର, ସଦାନନ୍ଦ ହାଲଦାର, ଉତ୍ତମ ଅଧିକାରୀ, ବିପୁଳ ସର୍ଦ୍ଧାର ଓ ନିଖିଲ ବିଶ୍ୱାସଙ୍କ ଭଳି ଅନେକ ବାଇକ୍ ଆରୋହୀ ଏମ୍‌ଭି ୬୮ ଗାଁ ନିକଟରେ ଥିବା ମାଧୁରୀ ଫିଲିଙ୍ଗ ଷ୍ଟେଶନରେ ପେଟ୍ରୋଲ ପକାଇଥିଲେ। ଗ୍ରାହକମାନେ କିଛି ବାଟ ଗଲାପରେ ଗାଡି ଷ୍ଟାର୍ଟ ବନ୍ଦ ହୋଇଯାଇ ଯାଇଥିଲା। ସେମାନେ ପ୍ରଥମେ କିଛି ଜାଣିପାରି ନ ଥିଲେ। ସେମାନେ ବାଇକ୍‌କୁ ଗ୍ୟାରେଜରେ ଦେଖାଇବା ପରେ ପେଟ୍ରୋଲରେ ପାଣି ମିଶିଥିବା ଜାଣିବାକୁ ପାଇଥିଲେ। ତେଣୁ ସେହି ସମୟରେ ୩୦-୪୦ ରୁ ଅଧିକ ଲୋକ ଏହିଟାଙ୍କିରୁ ପେଟ୍ରୋଲ ପକାଇ ଯାଇଥିଲେ, ହେଲେ ସମସ୍ତଙ୍କର ସମାନ ଅବସ୍ଥା ହୋଇଥିଲା। କିଛି ସମୟ ମଧ୍ୟରେ ତେଲ ପକାଇଥିବା ସବୁ ଗ୍ରାହକ ଏକାଠି ହୋଇଥିଲେ। କାହିଁକି ପାଣି ମିଶା ପେଟ୍ରୋଲ ଦେଲ ବୋଲି ପମ୍ପ କର୍ମଚାରୀଙ୍କୁ ପଚାରି ହୋହଲ୍ଲା କରିଥିଲେ। କାଲିମେଳା ଅଞ୍ଚଳରେ ବର୍ଷା ଲାଗି ରହିଥିବା ବେଳେ ଗାଡି ବନ୍ଦ ହେବା ଯୋଗୁ ଲୋକମାନେ ହନ୍ତସନ୍ତ ହୋଇଥିଲେ। ଏ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

ଲୋକଙ୍କ କହିବା କଥା ପମ୍ପରେ ତେଲ ବଦଳରେ ପାଣିଦିଆଯାଇଥିଲା। ଏକ ଲିଟର ତେଲରେ ୭ରୁ ୮ ଶହ ଗ୍ରାମ ସେଥିରେ ପାଣି ମିଶିଥିବା ସେମାନେ ଅଭିଯୋଗ କରିଥିଲେ। ଏଥିସହ ସେମାନଙ୍କ ଗାଡିରେ ପୂର୍ବରୁ ଥିବା ଭଲ ପେଟ୍ରୋଲରେ ପାଣି ମିଶିଯିବାରୁ ତାହା ନଷ୍ଟ ହୋଇଥିବା ଗ୍ରାହକମାନେ କହି ପେଟ୍ରୋଲ ପମ୍ପ ମାଲିକଙ୍କଠାରୁ କ୍ଷତିପୂରଣ ଦାବି କରିଥିଲେ। ଅପରାହ୍ନ ଗୋଟାଏରେ ପମ୍ପ ମାଲିକ ପିଙ୍କୁ ବିଶୋଇ ପହଞ୍ଚି ଅସନ୍ତୋଷ ଗ୍ରାହକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଯେଉଁମାନଙ୍କର ଗାଡି ବନ୍ଦ ହୋଇଯାଇଛି ସେମାନଙ୍କ ଗାଡି ମରାମତି ସହ ପେଟ୍ରୋଲ ଟଙ୍କା ଫେରସ୍ତ କରିବେ ବୋଲି ଲୋକଙ୍କୁ କହିବା ପରେ ଶାନ୍ତ ହୋଇଥିଲେ। ଘଟଣା ସମ୍ପର୍କରେ ମାଲିକଙ୍କୁ ପଚାରିବାରୁ ଗତ ୩ ମାସ ହେବ ପଟ୍ରୋଲ ପମ୍ପ ଆରମ୍ଭ ହୋଇଛି। ତେବେ ବର୍ଷା ଯୋଗୁ ଟାଙ୍କିରେ ପାଣି ପଶିଯିବାରୁ ଏଭଳି ସମସ୍ୟା ହୋଇଥିବା ସେ କହିଛନ୍ତି। ଗ୍ରାହକଙ୍କୁ ପେଟ୍ରୋଲ ଦେବା ପୂର୍ବରୁ ଯାଞ୍ଚ କରାଯାଇ ଥିଲେ ଏଭଳି ସମସ୍ୟା ହୋଇ ନ ଥାନ୍ତା। ତେବେ ଏତେ ଜଣ ଗ୍ରାହକଙ୍କୁ ପାଣି ମିଶା ପେଟ୍ରୋଲ ଦିଆଗଲା, କିଭଳି ପମ୍ପ କର୍ମଚାରୀ ଜାଣିପାରିଲେ ନାହିଁ ତାହା ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ମେଟାଲ ଚିପ୍‌ସରେ ପୋତି ହୋଇଯାଇଛି ନଳକୂଅ



**ତେନ୍ତୁଳିଖୁଣ୍ଟି, ୧୯।୭(ଚିଦାନନ୍ଦ ସାହୁ):** ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲମତାଗୁଡ଼ାସ୍ଥିତ ଶିବ ମନ୍ଦିର ପରିସରରେ ଥିବା ନଳକୂପ ମେଟାଲ ଚିପ୍‌ସରେ ପୋତି ହୋଇଯାଇଛି। ଏହାକୁ କିଏ ମଗାଇ ସେଠାରେ ପକାଇଛନ୍ତି ତାହା ଜଣାପଡ଼ିନାହିଁ। କିନ୍ତୁ ଏଥିପାଇଁ ପାଣି ପାଇଁ ସାପ୍ତାହିକ ହାଟକୁ ଆସୁଥିବା କ୍ରେତା ଓ ବିକ୍ରେତା ହଇରାଣ ହେଉଛନ୍ତି। ଶ୍ରାବଣ ସୋମବାରରେ ଲୋକନାଥ ମନ୍ଦିରରେ ଜଳଲାଗି ପାଇଁ ଆସିଥିବା କାଉଡ଼ିଆ ମଧ ହଇରାଣ ହୋଇଛନ୍ତି। ନଳକୂପ ପୋତି ହୋଇଯାଇଥିବାରୁ ସେମାନେ ୨୦୦ ମିଟର ଦୂରରେ ଥିବା ନଳକୂଅ ପାଖକୁ ଯାଇ ପାଣି ଆଣୁଛନ୍ତି। ମନ୍ଦିର ପରିସରେ ଥିବା ନଳକୂପ ଉପରୁ ମେଟାଲ ଚିପ୍‌ସ ହଟାଇବାକୁ ଦାବି ହୋଇଛି।

### ଜଳିଗଲା ଦୋକାନ

ବାଲିଆପାଳ,୧୯।୭(ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ସିମୁଳିଆ ବଜାରରେ ଥିବା ମନୋରଞ୍ଜନ ଦାସଙ୍କ ଦୋକାନରେ ବୁଧବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀର କାର୍ଯ୍ୟାଳୟଠାରୁ ୫ଶହ ମିଟର ଦୂରରେ ଘଟଣା ଘଟିଥିଲେ ମଧ ଅଗ୍ନିଶମ ବାହିନୀ ବିଳମ୍ବରେ ପହଞ୍ଚି ହଟହଟାର ଶିକାର ହୋଇଥିଲେ। ଦମକଳ ଗାଡ଼ିରେ ଟେକ୍ନିକାଲ ସମସ୍ୟାରୁ ୧ ଘଣ୍ଟା ବିଳମ୍ବରେ ପହଞ୍ଚିବାକୁ ପଡିଥିଲା ବୋଲି କହିବାରୁ ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ଅକ୍ରୋଶର ଶିକାର ହେବାକୁ ପଡ଼ିଥିଲା।

### ବରିଷ୍ଠ ବିଜେଡି ନେତା ଚିତ୍ତ ପଟ୍ଟନାୟକଙ୍କ ଇସ୍ତଫା



ମାଲକାନଗିରି,୧୯।୭ (ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲାରେ ଯୁବ ନେତା ଭାବେ ପରିଚିତ ଚିତ୍ତରଞ୍ଜନ ପଟ୍ଟନାୟକ ବିଜୁ ଜନତା ଦଳରୁ ବୁଧବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ଦଳ ସଭାପତି ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ପଠାଇ ଦେଇଛନ୍ତି। ପଟ୍ଟନାୟକଙ୍କୁ ପଚାରିବାରୁ ପାରିବାରିକ ସମସ୍ୟା ଯୋଗୁ ଇସ୍ତଫା ଦେଇଥିବା ସେ କହିଛନ୍ତି । ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ବିଜୁ ଜନତା ଦଳରେ ଥିବା ସମୟରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବିଧାୟକ, ଦଳୀୟ ସମର୍ଥକ ସରପଞ୍ଚ ଓ ବ୍ଲକ ଅଧକ୍ଷଙ୍କୁ ଜିତାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ପରବର୍ତ୍ତୀ ସମୟରେ କୌଣସି କାରଣରୁ ସେ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ଖଇରପୁଟ ବ୍ଲକ ଚେୟାରମେନ, ଜିଲା ପରିଷଦ ସଭ୍ୟ ଓ ୮ ଟି ପଞ୍ଚାୟତରେ ସରପଞ୍ଚ ଜିତାଇବାରେ ପଟ୍ଟନାୟକଙ୍କର ମୁଖ୍ୟ ଭୂମିକା ଥିଲା।

# ସ୍ୱାବଲମ୍ବୀ କରିଛି ଲଙ୍କାମରିଚ, କଖାରୁ ଚାଷ

## ଦାଦନ ନ ଯାଇ ଚାଷ କରିବାକୁ ଝାଡ଼େଶ୍ୱରଙ୍କ ପରାମର୍ଶ

ନବରଙ୍ଗପୁର,୧୯।୭(ସଦାଶିବ ପ୍ରହରାଜ)

ଚାଷ ପ୍ରତି ବିମୁଖ ଅନେକ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି। ନିଯୁକ୍ତି ସୁଯୋଗ ନ ପାଇ ଶିକ୍ଷିତ ଯୁବତୀଯୁବକ ଅନ୍ୟ ବାଟକୁ ଚାଲି ଯାଉଛନ୍ତି। ତେବେ ଚାଷରେ ଭଲ ରୋଜଗାର ରହିଛି। ଏହାର ଉଦାହରଣ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି କଂଗ୍ରା ଗାଁର ଝାଡେଶ୍ୱର ମାଝି। ଅଣଧାନ ଚାଷ କରି ସେ ସ୍ୱାବଲମ୍ବୀ ହୋଇପାରିଛନ୍ତି।

ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରା ଗାଁର ଝଡେଶ୍ୱର ମାଝି । ଦଶମ ପାସ୍ କରି କଲେଜ ଗଲେ। କିନ୍ତୁ ପାଠରେ ମନ ନ ଲାଗିବାରୁ ସେ ପଢ଼ା ଛାଡ଼ିଦେଇଥିଲେ। ଏହାପରେ ସ୍ୱାବଲମ୍ବୀ ହେବାକୁ ସେ ଚାଷ ପ୍ରତି ମନ ବଳାଇଥିଲେ। ଏବେ ୮୦ ଡିସିମିଲ ଜମିରେ ଲଙ୍କାମରିଚ ଓ ୧ ଏକର ୪୦ ଡିସିମିଲ ଜମିରେ କଖାରୁ ଚାଷ କରିଛନ୍ତି। ଚଳିତ ବର୍ଷ ଲଙ୍କା ମରିଚ କିଲୋ ପ୍ରତି ଶହେ ଟଙ୍କା ରହିଛି। ବଜାର ଦର ଏପରି ରହିଲେ ଏକର ପିଛା ବାର୍ଷିକ ୫ ଲକ୍ଷ ଲାଭ ହେବ ବୋଲି ଝାଡ଼େଶ୍ୱର କହିଛନ୍ତି। ଲଙ୍କାମରିଚ ଓ କଖାରୁର ବଜାର ଚାହିଦା ରହିଛି । କୃଷିକାର୍ଯ୍ୟରେ ଅଧିକ ଲାଭ ହେଉଛି। ମରିଚ ପରେ ଏହି ସ୍ଥାନରେ କୋବି ଚାଷ କରାଯିବ। ଧାନଚାଷ ପାଇଁ ପାଣିପାଗ ଉପରେ ଚାଷୀ ଭରସା କରିବାକୁ ପଡୁଛି । ସ୍ୱଳ୍ପ ବୃଷ୍ଟିପାତ ଓ କମ୍ ପାଣିରେ ପରିବା ଚାଷ ହୋଇପାରୁଛି। ଧାନ ଚାଷରେ ଏକରରେ ଯେତିକି ଲାଭ ହୁଏ ତାହାଠାରୁ ମରିଚ ଚାଷରେ ବହୁଗୁଣ ଲାଭ ହେଉଛି ବୋଲି ସେ କହିଛନ୍ତି। ଦେଶୀ ପ୍ରଣାଳୀରେ ମରିଚ ଚାଷ କରିଛି। ପ୍ରତି ୨ଦିନ ବ୍ୟବଧାନରେ ମରିଚ ତୋଳାଯାଉଛି। ଯୁବପିଢ଼ି ଦାଦନ କିମ୍ବା ଅନ୍ୟ ବାଟରେ ନ ଯାଇ ଚାଷ ପ୍ରତି ଧ୍ୟାନଦେଲେ ଭଲ ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଝାଡ଼େଶ୍ୱର କହିଛନ୍ତି।



ଝାଡ଼େଶ୍ୱର ଓ ଅନ୍ୟ ଶ୍ରମିକମାନେ କ୍ଷେତରୁ ଲଙ୍କାମରିଚ ତୋଳୁଛନ୍ତି।



ନବରଙ୍ଗପୁର: ବର୍ଷା ହେବାପରେ ବୁଧବାର ସକାଳୁ ଚାଷୀ କ୍ଷେତରେ ହଳ କରୁଛନ୍ତି।(ସଦାଶିବ ପ୍ରହରାଜ)

## ହଳ, ରୁଆ କାମ ଆରମ୍ଭ କଲେ ଚାଷୀ

ନବରଙ୍ଗପୁର, ୧୯।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ୪ ଦିନର ମେଘୁଆ ପାଗ ଓ ସାମନ୍ୟ ବର୍ଷା ଚାଷୀଙ୍କୁ ସହାୟକ ହୋଇଛି। ବର୍ଷା ଅଭାବରୁ ଚାଷୀ ତଳି ପକାଇ ରୁଆ କାର୍ଯ୍ୟ କରିପାରିନଥିଲେ। ବର୍ଷା ହେବାପରେ ଚାଷୀ ହଳ କରି ଜମି କାଦୁଅ କରିବା ସହ ରୁଆ କାର୍ଯ୍ୟ ଆରମ୍ଭ କରିଛନ୍ତି। ଚଳିତ ବର୍ଷର ବର୍ଷା କେବଳ ଚାଷ ବଞ୍ଚାଇବା ଭଳି ହୋଇଛି। ଅଶାଜନକ ବର୍ଷା ହୋଇନାହିଁ। ୧୬ ତାରିଖ ସୁଦ୍ଧା ଜିଲାରେ ୭୮ ମିମି ବର୍ଷା ହୋଇଛି। ୧୭ ତାରିଖରେ ୧୨ ମିମି ,୧୮ରେ ୩୦.୦୨ ମିମି ଓ ୧୯ରେ ୧୪ .୨୮ ମିମି ବର୍ଷା ହୋଇଛି।

# ଭୂଲେଖରେ ଚଢୁନାହିଁ ପଟ୍ଟା: ଚାଷୀ ପଞ୍ଜୀକରଣ, ଋଣ ପାଇବାରେ ବାଧକ

ନବରଙ୍ଗପୁର,୧୯।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଜମିଜମା ରେକର୍ଡ ଓ ନକ୍ସାର କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ଯୋଗୁ ସର୍ବଭାରତୀୟ ସ୍ତରରେ ଭୂମି ସମ୍ମାନ ପ୍ଲାଟିନମ୍ ପୁରସ୍କାର ହାସଲ କରିଛି। ଜିଲାରେ କିନ୍ତୁ ଅନେକ ହିତାଧିକାରୀଙ୍କ ପଟ୍ଟା ଭୂଲେଖରେ ଚଢୁନାହିଁ। ଫଳରେ ଚାଷୀ ପଞ୍ଜୀକରଣ ଓ ଋଣ ପାଇବାରେ ବାଧା ସୃଷ୍ଟି ହେଉଛି।

ନବରଙ୍ଗପୁର ତହସିଲର ରୟତ ତ୍ରିନାଥ ସାହୁ, ବୈଦ୍ୟନାଥ ସାହୁ, ପଦ୍ମନାଭ ସାହୁ ଓ ପଦ୍ମଚରଣ ସାହୁ ୪ ଭାଇ ୮ ଏକର ପୈତୃକ ଜମିକୁ ୨୦୧୩-୧୪ବର୍ଷ ଭୂବନ୍ଦୋବସ୍ତ ସମୟରେ ସେମାନଙ୍କ ନାମରେ ପଟ୍ଟା ପରିବର୍ତ୍ତନ କଲେ। ପରବର୍ତ୍ତୀ ସମୟରେ ନବରଙ୍ଗପୁର ତହସିଲର ୧୯(୧)ସିରେ ୪ ଭାଇ ଜମି ଭାଗବଣ୍ଟା କଲେ। ୪ଭାଇଙ୍କୁ ଜମି ପରିମାଣ ଅନୁଯାୟୀ ୩୦ ନଭେମ୍ବର ୨୦୨୨ରେ ପଟ୍ଟା ପ୍ରଦାନ କରାଗଲା। ଏଯାଏ କିନ୍ତୁ ଭୂଲେଖରେ ସେମାନଙ୍କ ନାମ ଚଢିନାହିଁ। ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କ ପଟ୍ଟା ଦେଖାଉନାହିଁ। ଏଥିଲାଗି ରୟତମାନେ ମଣ୍ଡିରେ ନାମ ପଞ୍ଜୀକରଣ, କୃଷି ଋଣ ଭଳି ଅନ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏନେଇ ନବରଙ୍ଗପୁର ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେମାନେ ଲିଖିତ ଭାବେ ଜଣାଇଲେ ଭୂଲେଖରେ ତାହା ପରିବର୍ତ୍ତନ କରି ଦିଆଯିବ ବୋଲି କହିଛନ୍ତି।

## ଡିଏଲ୍‌ଏସ୍‌ର ଆଇନ ସଚେତନତା ଶିବିର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର, ୧୯।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍) ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିଶୁ ଯତ୍ନ ଓ ଶିଶୁ ସୁରକ୍ଷା ଆଇନ ଓ ଶିକ୍ଷା ଅଧିକାର ଆଇନକୁ ନେଇ ଏକ ସଚେତନତା ଶିବିର କରାଯାଇଛି। ଡିଏଲ୍‌ଏସ୍ ଅଧକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଆଇନ ସଚେତନତା ଶିବିରରେ ଡିଏଲ୍‌ଏସ୍ ସଚିବ ଜନକ ରାଉତ ଯୋଗଦେଇଥିଲେ। ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଶିଶୁ ସୁରକ୍ଷା ଆଇନ ସମ୍ପର୍କରେ ବୁଝାଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରେଶମ ଲାଲ ନାୟକ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଅଧିକାର ଆଇନର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ସମିତି ପ୍ରଭାସିନୀ ପଟ୍ଟନାୟକ ଶିଶୁ ସୁରକ୍ଷା ଆଇନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ସଚେତନତା ଶିବିରରେ ଶିକ୍ଷକ ହୀରାଧର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଦଳରେ ପୁରୁଣା ନେତାଙ୍କୁ ଅଣଦେଖା ଅଭିଯୋଗ

## ଗୌଡ଼ଗୁଡ଼ାରେ ବିଜେଡି କର୍ମକର୍ତ୍ତାଙ୍କୁ ନେଇ ବୈଠକ

ତେନ୍ତୁଳିଖୁଣ୍ଟି, ୧୯ ।୭(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ସିଂଙ୍କ ଅଧକ୍ଷତାରେ ବୁଧବାର ଗୌଡ଼ଗୁଡ଼ାରେ ବିଜୁ ଜନତା ଦଳ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ କରାଯାଇଛି। ବିଜେଡି କ୍ଷମତାରେ ନ ଥିବା ବେଳେ ଯେଉଁ କର୍ମୀ ଦଳ ପାଇଁ କାର୍ଯ୍ୟ କରୁଥିଲେ ସେମାନେ ଏବେ ଅବହେଳିତ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଜିଲାରେ ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଛି। ଅନ୍ୟ ଦଳରୁ ଆସିଥିବା କର୍ମୀଙ୍କ ଦବଦବା ବିଜେଡିରେ ରହୁଛି। ସେମାନଙ୍କୁ ହିଁ ଦଳୀୟସ୍ତରରେ ପ୍ରାଧାନ୍ୟ ମିଳୁଛି ବୋଲି ବୈଠକରେ ଉପସ୍ଥିତ କର୍ମୀମାନେ ଅଭିଯୋଗ କରିଛନ୍ତି।

ବିଧାୟକ ପାଣ୍ଡିର ସିଂହଭାଗ କାର୍ଯ୍ୟ ଆମଦାନୀ ନେତା କରୁଛନ୍ତି। ଗ୍ରାମାଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ବିଧାୟକ ସଦାଶିବ ପ୍ରଧାନୀଙ୍କୁ ଭେଟିବାକୁ ଗଲେ ଆମଦାନୀ ନେତା ତାଙ୍କ ଚାରିପଟେ ରହୁଛନ୍ତି। ଦଳକୁ ବ୍ଲକରୁ ସୁଦୃଢ଼ କରିବା କଥା। କିନ୍ତୁ ବ୍ଲକ ସଭାପତି କୌଣସି କାର୍ଯ୍ୟକ୍ରମ କରୁନାହାଁନ୍ତି ବୋଲି ଉପସ୍ଥିତ କର୍ମକର୍ତ୍ତା ଅଭିଯୋଗ ଆଣିଛନ୍ତି। ଆଗାମୀ ଦିନରେ ବିଧାୟକଙ୍କ ଅଣଦେଖା ଓ ବ୍ଲକ ସଭାପତିଙ୍କ ନିଷ୍କ୍ରିୟତା ନେଇ ଜିଲା ସଭାପତି ତଥା ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଏଠାରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସାଧାରଣ ସମ୍ପାଦକ ସୁବାଷ ଗରଡ଼ା, ଜିଲା ବିଜେଡି ଯୁବ ସାଧାରଣ ସମ୍ପାଦକ କାହ୍ନୁ ସିଂ ସାଧୁ, ସାଧାରଣ ସମ୍ପାଦକ ଲଚ୍ଛମନ ମାଝି, ଜିଲା ଯୁବ ବିଜେଡି ଯୁଗ୍ମ ସମ୍ପାଦକ ବିକି ବିଷୋୟୀ, ଅଶୋକ ଦାଶ, ସୂର୍ଯ୍ୟ ରନ୍ଧାରୀ, ତ୍ରିନାଥ ନାୟକ, ବିକ୍ରମ ପ୍ରଧାନୀ ରଞ୍ଜନ ସିଂ, କୁନୁ ସଗରିଆ, ରମାକାନ୍ତ ବିଷୋୟୀ, ଘାସି ହରିଜନ, ମହେଶ୍ୱର ନାଗ, ଦୀନବନ୍ଧୁ ହିଆଲ, କ୍ରୀଷ୍ଟଦାନ ବାଗ, ବସନ୍ତ ଯାନୀ, ଉମେଶ ହିଆଲ, ପୀତବାସ ଗରଡ଼ା, ଭବାନୀ ମିଶ୍ର, ସୀମ ସିରା, ଶଙ୍କର ସିରା, ମୋହନ ହରିଜନ ସିଦ୍ଧାର୍ଥ ସୁନା, ମିଥୁନ ଡଙ୍ଗରୀ, ମହେଶ୍ୱର ଡଙ୍ଗରୀ, ଶିବ ବିଷୋୟୀ, ଡମ୍ବ ମାଳି ହର୍ଷା ବାଗଙ୍କ ସମେତ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏ ନେଇ ବିଧାୟକ ସଦାଶିବ ପ୍ରଧାନୀଙ୍କୁ ପଚାରିବାରୁ ସମସ୍ତଙ୍କୁ ସମାନ ଭାବରେ ଦେଖୁଛୁ। ବିଜୁ ଜନତା ଦଳ ସଭିଙ୍କ ଦଳ। କେହି ବି ପର ନୁହନ୍ତି ବୋଲି ସେ କହିଛନ୍ତି। ବ୍ଲକ ସଭାପତି ପ୍ରଫୁଲ୍ଲ ନାଗଙ୍କୁ ପଚାରିବାରୁ ବିଧାୟକ ପ୍ରଧାନୀ ସମସ୍ତଙ୍କୁ ଗୋଟିଏ ଦୃଷ୍ଟିରେ ଦେଖନ୍ତି। କିଛି ଅସନ୍ତୋଷ ଥିଲେ ଅଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ସେ କହିଛନ୍ତି।



## ତେନ୍ତୁଳିଖୁଣ୍ଟି ଲ୍ୟାମ୍ପସ ବୈଠକ



ବୈଠକରେ ଉପସ୍ଥିତ ଲ୍ୟାମ୍ପସ୍ କର୍ମଚାରୀମାନେ।

ତେନ୍ତୁଳିଖୁଣ୍ଟି, ୧୯ ।୭(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଲ୍ୟାମ୍ପସ କାର୍ଯ୍ୟାଳୟ ପରିସରରେ ସଭାପତି ଅଖିଳ ଭଦ୍ରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା କରାଯାଇଛି। ଉକ୍ତ ସଭାରେ ଚାଷୀ କିଭଳି ଉଚିତ ମୂଲ୍ୟରେ ସାର ବିହନ ପାଇ ପାରିବେ ସେ ବିଷୟରେ ଆଲଚନା ହୋଇଛି। ସଭା ପ୍ରାରମ୍ଭରେ ଜୟପୁର ଡିଭିଜନର ଡିଆର୍‌ସିଏସ୍ ଦିବଙ୍ଗତ ସିଏଚ୍. ଭବାନୀ ପ୍ରସାଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାଥନା କରାଯାଇଥିଲା ସାଧାରଣ ବୈଠକରେ ଲ୍ୟାମ୍ପସର ୧୩ଜଣ ନିର୍ଦ୍ଦେଶକଙ୍କ ସହିତ ଲ୍ୟାମ୍ପସ କର୍ମଚାରୀ ଉପସ୍ଥିତ ଥିଲେ। । ଲ୍ୟାମ୍ପସ ଅବସରପ୍ରାପ୍ତ ହିସାବ ରକ୍ଷକ ଚନ୍ଦନ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଲ୍ୟାମ୍ପସ ପକ୍ଷରୁ ତାଙ୍କୁ ଉପଢୌକନ ପ୍ରଦାନ କରାଯାଇଛି। ଏହି ଅବସରରେ ଲ୍ୟାମ୍ପସ ଏମ୍‌ଡି ନରେଶ ତ୍ରିପାଠୀଙ୍କ ସମେତ ରବି ପାଣିଗ୍ରାହୀ ଓ ଅନ୍ୟ ଲ୍ୟାମ୍ପସ କର୍ମଚାରୀ ଉପସ୍ଥିତ ଥିଲେ। ବରିଷ୍ଠ ନିର୍ଦ୍ଦେଶକ ବାରିଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଧଅଁରପୁର ଜଙ୍ଗଲରେ ନରହନ୍ତା ହାତୀ

## ଜିଲା ସୀମାନ୍ତରେ ଜଗି ରହିଛନ୍ତି ବନ ବିଭାଗ, ୱାଇଲ୍ଡ ଲାଇଫ ଟିମ୍

ଝରିଗାଁ,୧୯ ।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁରରେ ଆତଙ୍କ ଖେଳାଇଥିବା ନରହନ୍ତା ହାତୀର ପାଦଚିହ୍ନ ବୁଧବାର ସକାଳେ କଳାହାଣ୍ଡି ଜିଲା ଧଅଁରପୁର ଜଙ୍ଗଲରେ ଦେଖାଯାଇଥିବା ନେଇ ଝରିଗାଁ ରେଞ୍ଜର ଗୋବିନ୍ଦ ନାୟକ କହିଛନ୍ତି। ଡିଏଫ୍‌ଓ ପ୍ରସନ୍ନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ଜିଲା ସୀମାନ୍ତରେ ବନ ବିଭାଗ ଓ ୱାଇଲ୍ଡ ଲାଇଫ ଟିମ୍ ଜଗି ରହିଛନ୍ତି। ସୀମାନ୍ତ ଗ୍ରାମରେ ଲୋକଙ୍କୁ ଡାକବାଜି ଯନ୍ତ୍ର ସହାୟତାରେ ସତର୍କ ରହିବା ପାଇଁ ସଚେତନତା କରାଯାଉଛି। ଝରିଗାଁ ରେଞ୍ଜର ଗୋବିନ୍ଦ ନାଏକ, ଫରେଷ୍ଟର ଟି.କେ. ପରିଚ୍ଛା, ଗୁପ୍ତପ୍ରସାଦ ମହାନ୍ତି, ବିଷ୍ଣୁ ବିଷୋୟୀ, କୃଷ୍ଣଚନ୍ଦ୍ର ବିଷୋୟୀ, ରାଜୁ ମଣ୍ଡଳ, ଏମ୍.ବାବାଜୀ ରାଓ ,ୱାଇଲ୍ଡ ଲାଇଫର ଏମ୍.ମନୋଜ ପ୍ରମୁଖ ସୀମାନ୍ତରେ ରହି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ନବରଙ୍ଗପୁର ଜିଲା ଭିତରେ ଯେପରି ହାତୀ ପ୍ରବେଶ ନ କରିବ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଲୋକଙ୍କୁ ଜଙ୍ଗଲ ଭିତରକୁ ନ ଯିବା ପାଇଁ ବାରଣ କରାଯାଉଥିବା ଉପସ୍ଥିତ ବନ କର୍ମଚାରୀମାନେ କହିଛନ୍ତି। ଦୀର୍ଘ ୯ ଦିନର ପ୍ରଚେଷ୍ଟାରେ ପରେ ନରହନ୍ତା ହାତୀଟିକୁ କଳାହାଣ୍ଡିଜିଲାର ଜଙ୍ଗଲକୁ ଘୋଉଡାଇବାର ନବରଙ୍ଗପୁର ବନବିଭାଗ ସକ୍ଷମ ହୋଇଛି।



ସୀମାନ୍ତରେ ଜଗି ରହିଥିବା ବନ ବିଭାଗ ଏବଂ ୱାଇଲ୍ଡ ଲାଇଫ ଟିମ୍।



ଧଅଁରପୁର ଜଙ୍ଗଲରେ ମିଳିଥିବା ହାତୀ ପାଦ ଚିହ୍ନ।

# ‘ନିଶାଦ୍ରବ୍ୟ ବ୍ୟବହାର ଯୁବଗୋଷ୍ଠୀଙ୍କୁ ପଥଭ୍ରଷ୍ଟ କରିଛି’

## ଝରିଗାଁ କଲେଜରେ ତମାଖୁମୁକ୍ତ ସଚେତନତା କାର୍ଯ୍ୟକ୍ରମ

- କଲେଜ କ୍ୟାମ୍ପସକୁ ତମାଖୁମୁକ୍ତ କରିବାକୁ ପରାମର୍ଶ

ଝରିଗାଁ,୧୯ ।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ କଲେଜରେ ବୁଧବାର ତମାଖୁମୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଜିତେନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତମାଖୁମୁକ୍ତ ଜୀବନର ଉପକାରିତା ଓ ତମାଖୁର ଭୟାବହତା, ଯୁବଗୋଷ୍ଠୀ ଉପରେ ଏହାର ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କଲେଜ ଅଧକ୍ଷ ଶିବପ୍ରସାଦ ପଟ୍ଟନାୟକ ତମାଖୁ ସେବନ ଦ୍ୱାରା ଯୁବଗୋଷ୍ଠୀ କିପରି ବିପଥଗାମୀ ଓ ଅସାମାଜିକ ଜୀବନ ବିତାଉଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। ତମାଖୁ ସମ୍ପର୍କିତ ସଚେତନତା ପାଇଁ ଯୁବଗୋଷ୍ଠୀ ବିଶେଷକରି ଛାତ୍ରୀଛାତ୍ର ତତ୍ପର ହେବା ଉଚିତ। କଲେଜ କ୍ୟାମ୍ପସକୁ ତମାଖୁମୁକ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏବେ ତମାଖୁ ଭଳି ନିଶାଦ୍ରବ୍ୟର ବହୁଳ ବ୍ୟବହାର ଯୁବଗୋଷ୍ଠୀଙ୍କୁ ପଥଭ୍ରଷ୍ଟ କରିଛି ଯାହାକି ସେମାନଙ୍କ ଅଧଃପତନର କାରଣ ବୋଲି ଅଧକ୍ଷ ପଟ୍ଟନାୟକ କହିଛନ୍ତି। ଏଥିସହ ଏ ଦିଗରେ ବ୍ୟାପକ ଜନ ସଚେତନତା ଆବଶ୍ୟକ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ‘ତମାଖୁମୁକ୍ତ ବିଶ୍ୱ ଓ ଏଥିରେ ଯୁବଗୋଷ୍ଠୀର ଭୂମିକା’ ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପିଏଚ୍‌ଓ ଗୋପାଳକୃଷ୍ଣ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଅଧ୍ୟାପକ ଗୋପାଳ ମହାରଣା, ଶଙ୍କର କୁମାର ନାଲା, ଅଧ୍ୟାପିକା ତୁଷାରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଅଧ୍ୟାପକ ତଥା ସ୍ୱାସ୍ଥ୍ୟ ଆମ୍ବାସାଡର ସନ୍ତୋଷ କୁମାର ଖିଲାର ଧନ୍ୟବାଦ ଦେଇଥିଲେ।




ଜଣେ ଅତିଥି କାର୍ଯ୍ୟକ୍ରମରେ ଉପସ୍ଥିତ ପିଲାମାନଙ୍କୁ ପରାମର୍ଶ ଦେଉଛନ୍ତି।

## ସଂକ୍ଷେପରେ

### ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୬ ମାସ ଜେଲ

**ରାୟଗଡା, ୧୯।୭ (ଭାଗ୍ୟଶ୍ରୀ ମିଶ୍ର ):** ରାୟଗଡା ଏସଡିଜେଏମ ବର୍ଷା ଦାସ୍ ବୁଧବାର ଏକ ଚୋରି ମାମଲାର ଶୁଣାଣି କରି ଅଭିଯୁକ୍ତ ପିତାମ୍ବର ମେଲେକାଙ୍କୁ ୬ ମାସ ସଶ୍ରମ କାରାଦଣ୍ଡ ସହ ୫୦୦୦ଟଙ୍କା ଜରିମାନା କରିଛନ୍ତି। ଏହି ଘଟଣାରେ ୫ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟ ପିତାମ୍ବରଙ୍କୁ ଏହି ଦଣ୍ଡ ଶୁଣାଇଛନ୍ତି। ସୂଚନାଯୋଗ୍ୟ ଯେ, ନିରଞ୍ଜନ ରଥ ନାମକ ଜଣେ ବ୍ୟକ୍ତି ତାଙ୍କର ଏଟିଏମ ଚୋରି ହେବା ସହ କିଛି ଦୁର୍ବୃତ୍ତ ଟଙ୍କା ଉଠାଣ କରିଥିବା ନେଇ ୨୦୧୫ ମସିହା ସେପ୍ଟେମ୍ବର ୨୪ରେ ରାୟଗଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପିତାମ୍ବର ମେଲେକା ଏବଂ ଅନ୍ୟ ଗୋବିନ୍ଦ କଣ୍ଡାଗରୀ ଏଟିଏମ୍ ଚୋରି କରିଥିବା ଜଣାପଡ଼ିଥିଲା। ହେଲେ ଇତିମଧ୍ୟରେ ଗୋବିନ୍ଦ କଣ୍ଡାଗରୀଙ୍କ ମୃତ୍ୟୁ ହୋଇଥିବାରୁ ପିତାମ୍ବରଙ୍କୁ ଦଣ୍ଡ ଶୁଣାଇଛନ୍ତି ଏସଡ଼ିଜେଏମ। ଅଭିଯୁକ୍ତଙ୍କ ପକ୍ଷରୁ ସାମୁଏଲ ତାଣ୍ଡି ମାମଲା ପରିଚାଳନା କରୁଥିବା ବେଳେ ସରକାରଙ୍କ ତରଫରୁ ସଚ୍ଚିଦାନନ୍ଦ ଖାଡ଼ଙ୍ଗା କେଶ ପରିଚାଳନା କରୁଥିବା ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଓଲଟିଲା ଆଲୁମିନା ବୋଝେଇ ଟ୍ରକ୍



**ଟିକିରି, ୧୯।୭ (ପ୍ରଫୁଲ୍ଲ କୁମାର ବେହେରା):** ରାୟଗଡା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ତୋଟାଗୁଡା ଛକ ନିକଟରେ ଥିବା ବୁଲାଣି ନିକଟରେ ବୁଧବାର ଭାରସାମ୍ୟ ହରାଇ ଏକ ଆଲୁମିନିୟମ ବୋଝେଇ ଟ୍ରକ୍ ଓଲଟିପଡ଼ିଛି। ତେବେ ଟ୍ରକ୍ ଡ୍ରାଇଭର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ଗାଡି ଚାଳକଙ୍କୁ ଉଦ୍ଧାରକରି ଟିକିରିସ୍ଥିତ ଉତ୍କଳ ଉଷାପୋଡା ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଟ୍ରକ୍‌ଟି ଉତ୍କଳ ଆଲୁମିନା କମ୍ପାନୀରୁ ଆଲୁମିନା ପାଉଡର ଧରି ରାୟଗଡ଼ା ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା । ତେବେ ଉତ୍କଳ ଆଲୁମିନା କମ୍ପାନୀରୁ ଶତାଧିକ ଭାରିଯାନ ଯାତାୟାତ କରୁଥିବାରୁ ଅନେକ ସମୟରେ ଏଭଳି ସଡ଼କ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ଯୌତୁକଜନିତ ହତ୍ୟା ଅଭିଯୋଗ

**ବେଗୁନିଆପଡ଼ା,୧୯।୭(ସୁଶାନ୍ତ ପଟ୍ଟନାୟକ):**ବେଗୁନିଆପଡ଼ା ପାଇକ ସାହିରେ ପୋଲିସ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତ ମହିଳା ଜଣକ ହେଲେ ରୋଜିରାଣୀ ଜେନା। ବାପଘର ଲୋକେ ଯୌତୁକ ପାଇଁ ଝିଅକୁ ମାରି ଦିଆଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି।

# ଆଗକୁ କେଉଁ ଦଳକୁ ଯିବି ସ୍ଥିର କରିନାହିଁ: ଗିରିଧର

**ଗୁଣପୁର,୧୯।୭ (ପ୍ରଦୀପ କୁମାର ପାଢ଼ୀ)**



ଖବରଦାତା ସମ୍ମିଳନୀରେ ଡ. ଗିରିଧର ଗମାଙ୍ଗ।

■କଂଗ୍ରେସରେ ଯୋଗଦେବା ଚର୍ଚ୍ଚାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ
■ବାଜପେୟୀ ସରକାରଙ୍କ ବିରୋଧରେ ଭୋଟ ଦେଇ ଭୁଲ୍ କରିନାହିଁ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କୋରାପୁଟ ଲୋକ ସଭା ସଦସ୍ୟ ଡ. ଗିରିଧର ଗମାଙ୍ଗ ପୁଣି କଂଗ୍ରେସରେ ଯୋଗଦେବେ ବୋଲି ଗତ କିଛିଦିନ ହେଲା ଚର୍ଚ୍ଚା ଜୋର ଧରିଥିଲା। ଗୁଣପୁରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗିରିଧର ଏହାକୁ ଖଣ୍ଡନକରି ସମସ୍ତ ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ତାଙ୍କୁ କଂଗ୍ରେସରୁ କେହି ଡାକିନାହାନ୍ତି କି ସେ ମିଶିବା ପାଇଁ କହିନାହାନ୍ତି। ତେଣୁ ଏହି କଥା କେଉଁଠି ଉଠିଲା ବୋଲି ଓଲଟା ଗିରିଧର ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ଦିନରେ ସେ କେଉଁ ଦଳକୁ ଯିବେ ମନସ୍ଥ କରିନାହାନ୍ତି । ସମ୍ମାନର ସହ ବଞ୍ଚିବି, ସମ୍ମାନ ପାଇଁ ନିର୍ବାଚନ ଲଢ଼ିବି । ଯେଉଁଠାରେ ଅପମାନ ମିଳିବ ସେହି ସ୍ଥାନରେ ମୁଁ ରହିବି ନାହିଁ ବୋଲି ଗିରିଧର କହିଛନ୍ତି।

ଖବରଦାତା ସମ୍ମିଳନୀରେ ଗିରିଧର କହିଛନ୍ତି , ବାଜପେୟୀ ସରକାରଙ୍କ ଆସ୍ଥା ପ୍ରସ୍ତାବ ବିରୋଧରେ ମୁଁ ଭୋଟ ଦେଇ କିଛି ଭୁଲ୍ କରିନାହିଁ। ତଥାପି ଦୀର୍ଘ ୨ ଦଶନ୍ଧି ଧରି ମୋତେ ପ୍ରତାରଣାର ଶିକାର ହେବାକୁ ପଡୁଛି। ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁ ସ୍ଥାନରେ ମୋତେ ଦୋଷୀ ସାବ୍ୟସ୍ତ କରାଯାଉଛି। ଦଳ କହିବାରୁ ମୁଖ୍ୟମନ୍ତ୍ରୀ ଥାଇ ସୁଦ୍ଧା ଏମ୍‌ପି ଥିବାରୁ ବାଜପେୟୀ ସରକାରଙ୍କ ବିରୋଧରେ ଭୋଟ ଦେଇଥିଲି। ହେଲେ ଏ ପରିସ୍ଥିତିରେ କଂଗ୍ରେସ ମୋତେ କୌଣସି ସୁରକ୍ଷା ଦେଲାନାହିଁ । ଦଳ ମୋତେ ସବୁ କିଛି ଦେଇଥିଲା। ୯ ଥର ସାଂସଦ ହୋଇଥିଲି। କିନ୍ତୁ ସମସ୍ତେ ମୋତେ ଦୋଷ ଦେବାବେଳେ କଂଗ୍ରେସ ନୀରବ ରହିବା ସହ କୌଣସି ପ୍ରତିକ୍ରିୟା ରଖିଲା ନାହିଁ। ଫଳରେ ମୋର ଆତ୍ମସମ୍ମାନରେ ଆଞ୍ଚ ଆସିଲା । ତେଣୁ ମୁଁ କଂଗ୍ରେସ ଛାଡ଼ିଥିଲି ବୋଲି ଗିରିଧର କ୍ଷୋଭ ପ୍ରକାଶକରି କହିଛନ୍ତି। ପରବର୍ତ୍ତୀ ସମୟରେ ମୁଁ ଭାଜପାରେ ଯୋଗଦେଇଥିଲି। କେନ୍ଦ୍ର ନେତୃତ୍ୱ ମୋ ଉପରେ ବିଶ୍ୱାସ ରଖିବା ସହ ସମ୍ମାନ ଦେଉଥିଲେ। ବାଜପେୟୀ ସରକାରଙ୍କ ଆସ୍ଥା ପ୍ରସ୍ତାବ ବିରୋଧରେ ଗିରିଧର ଭୋଟ ଦେଇ କୌଣସି ଭୁଲ୍ କରିନାହାନ୍ତି ବୋଲି ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କହିଥିଲେ। ଏହାସତ୍ତ୍ୱେ ରାଜ୍ୟସ୍ତରରେ ମୋତେ ଅଣଦେଖା କରାଯିବା ସହ ଗୁରୁତ୍ୱ ଦିଆଗଲା ନାହିଁ। ତେଣୁ ସେ ଭାଜପା ଛାଡ଼ିଥିବା କହିଥିଲେ। ଭାଜପା ଛାଡ଼ିବା ପରେ ଗିରିଧରଙ୍କ ସମେତ ତାଙ୍କ ପୁଅ ଶିଶିର ଗମାଙ୍ଗ ବିଆର୍‌ଏସ୍‌ରେ ମିଶିଥିବା ନେଇ କୁହାଯାଉଥିବାବେଳେ ବର୍ତ୍ତମାନ ଗିରିଧର କିନ୍ତୁ ଏ ନେଇ ଭିନ୍ନ ମତ ରଖିଛନ୍ତି। ଓଡ଼ିଶାରେ ବିଆର୍‌ଏସ୍ ଦଳ ମହାଶୂନ୍ୟରେ ରହିଛି। ଦଳର ପତାକା ନାହିଁ କି ଚିହ୍ନ ନାହିଁ । ଆମକୁ ଡାକିଥିଲେ, ସେଠାକୁ ଆମେ ଯାଇଥିଲୁ। ସେମାନେ ଉପଢୌକନ ଦେଇ ଆମକୁ ସମ୍ମାନିତ କରିଥିବା ଗିରିଧରଙ୍କ ଏପରି ମତ ବର୍ତ୍ତମାନ ରାଜନୈତିକ ଚର୍ଚ୍ଚାକୁ ଆଉ ଏକ ନୂଆ ଖୋରାକ ଯୋଗାଇଛି। ତେବେ କଂଗ୍ରେସର ଜଣେ ବରିଷ୍ଠ ନେତା ତାଙ୍କ ସହ ଯୋଗାଯୋଗ କରିଥିବା ଖବର ବିଷୟରେ ପଚାରିବାରୁ ସେ ରାଜନୈତିକ ଆଲୋଚନା କରିବାକୁ ଚାହୁଁଥିଲେ, ହେଲେ ତାଙ୍କୁ ମୁଁ ମନା କରିଥିଲି ବୋଲି ଗିରିଧର କହିଥିଲେ। ଏପରି ଘଟଣାକ୍ରମ ମଧ୍ୟରେ ତାଙ୍କ ସହ ବରିଷ୍ଠ କଂଗ୍ରେସ ନେତାଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଥିଲା ତାହା ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ରାଜନୈତିକ ଘଟଣାବଳୀରେ ଗିରିଧର କଂଗ୍ରେସକୁ ଯାଉଛନ୍ତି ନା ଆଉ କ'ଣ ପଦକ୍ଷେପ ନେଉଛନ୍ତି ତା' ଉପରେ ସମସ୍ତଙ୍କ ନଜର।

# ଅଭିନବ ଗବେଷଣା ପାଇଁ ବିଷମକଟକ ଶିକ୍ଷକ ପୁରସ୍କୃତ



ଏନ୍‌ସିଇଆର୍‌ଟି କର୍ମକର୍ତ୍ତାଙ୍କଠାରୁ ଶିକ୍ଷକ ରାଜେଶ କୁମାର ବିଶ୍ୱାଳ ମାନପତ୍ର ଗ୍ରହଣ କରୁଛନ୍ତି।

**ବିଷମ କଟକ,୧୯।୭ (ବିଭୂତି ଭୂଷଣ ନାୟକ)**

**ଏନ୍‌ସିଇଆର୍‌ଟି ପକ୍ଷରୁ ଓଡ଼ିଶାରୁ ୩ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର**

ଓଡ଼ିଶାରେ ଯେଉଁ ସବୁ ସ୍କୁଲର ଶିକ୍ଷକ ଅଭିନବ ଉପାୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି ସେହି ତଥ୍ୟକୁ ଆଧାରକରି ଓଡ଼ିଶାରୁ ଏକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦିଆଯାଇଥାଏ । ଏହି ତଥ୍ୟକୁ ନେଇ ନୂଆଦିଲ୍ଲୀସ୍ଥିତ ଜାତୀୟ ଶୈକ୍ଷିକ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ଓଡ଼ିଶାରୁ ୩ ଜଣ ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଛି। ସେମାନେ ହେଲେ ରାୟଗଡା ଜିଲା ବିଷମକଟକ ବ୍ଲକର ରାଜେଶ କୁମାର ବିଶ୍ୱାଳ, ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଭୀମସେନ ପଣ୍ଡା, ବରଗଡ଼ ଜିଲା ଲହଣ୍ଡା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ପାଢ଼ୀ। ବିଷମକଟକ ବ୍ଲକ ନିର୍ଗୁଣ୍ଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଜେଶ କୁମାର ଶିକ୍ଷାର ଅଭିନବ କୌଶଳରେ କିପରି ଛାତ୍ରୀଛାତ୍ର ଶିକ୍ଷା ଲାଭ କରିପାରିବେ ସେଥିପାଇଁ ସବୁବେଳେ ପ୍ରୟାସ କରିଆନ୍ତି। ଅନେକ ସମୟରେ ସରକାରୀ ସ୍କୁଲରେ ଥିବା ନୀତିନିୟମ ଅନୁସାରେ ପିଲାଙ୍କୁ ଶିକ୍ଷାଦାନ କରିବା ସହ ପିଲାମାନେ କିପରି ଅଧିକରୁ ଅଧିକ ଶିକ୍ଷା ଲାଭ କରିବେ ସେଥିପାଇଁ ସେ ସବୁବେଳେ ଚେଷ୍ଟା କରିଥାନ୍ତି । ରାଜେଶଙ୍କର ଏହି ପ୍ରୟାସ ଯୋଗୁ ଭାରତ ସରକାରଙ୍କ ପ୍ରଚଳିତ ଶିକ୍ଷକ ଶିକ୍ଷା ଅନ୍ତର୍ଗତ ଅଭିନବ ଶୈକ୍ଷିକ ପ୍ରୋତ୍ସାହନ ପୁରସ୍କାର ୨୦୨୨-୨୩ ଲାଭ କରିବାରେ ଗୌରବ ଅର୍ଜନ କରିଛନ୍ତି । ରାଜେଶ ତାଙ୍କର ଏହି ସଫଳତାର ଶ୍ରେୟ ଗବେଷଣାଗତ ପ୍ରେରଣା ପାଇଥିବା ଗୁରୁ ଡ. ସଚ୍ଚିଦାନନ୍ଦ ମିଶ୍ର, ଅକ୍ଷୟ କୁମାର ଦାଶ, ରବିନ କୁମାର ଶତପଥୀ, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ବଟକୃଷ୍ଣ ପଣ୍ଡା, ଚଳିତ ମଣ୍ଡଳ ଶିକ୍ଷାଧିକାରୀ ନବୀନ ଚନ୍ଦ୍ର ଖୁରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ମଦନ ପାଣି, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକର୍ମୀ ଓ ପରିବାରବର୍ଗଙ୍କୁ ପ୍ରଦାନ କରିଛନ୍ତି ।

# ଥାନା ଘେରିଲା ଛାତ୍ର ସଙ୍ଗଠନ



ରାୟଗଡ଼ା ଟାଉନ ଥାନା ସମ୍ମୁଖରେ ଛାତ୍ର ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାୟଗଡା, ୧୯।୭ (ଭାଗ୍ୟଶ୍ରୀ ମିଶ୍ର**

**ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦାବି**

ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ବୁଧବାର କଲେଜ ଛାତ୍ର ସଂଗଠନ ପକ୍ଷରୁ ରାୟଗଡ଼ା ଟାଉନ ଥାନା ଘେରାଉ କରାଯାଇଛି । ଦୁର୍ଘଟଣା ଘଟିବାର ଦୀର୍ଘ ୨୦ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ ଖବର ଲେଖାହେବା ସୁଦ୍ଧା ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କ ପରିଚୟ ବାହାର କରିପାରିନାହିଁ କିମ୍ବା ଡ୍ରାଇଭରକୁ ଗିରଫ କରାଯାଇ ନାହିଁ। ଏହାର ପ୍ରତିବାଦରେ ରାୟଗଡା କଲେଜର ଛାତ୍ରମାନେ କଲେଜ ବନ୍ଦ କରିବା ସହ ଡ୍ରାଇଭରଙ୍କୁ ତୁରନ୍ତ ଗିରଫ କରାଯିବା ସହ କ୍ଷତିପୂରଣ ଦାବିରେ ଥାନା ଘେରାଉ କରିଛନ୍ତି। ସୂଚନାଯୋଗ୍ୟ, ରାୟଗଡା ବ୍ଲକ କୁଟୁଲି ଗ୍ରାମର ଆନନ୍ଦ ମାଣ୍ଡାଙ୍ଗି ଏବଂ ତାଙ୍କ ସମ୍ପର୍କୀୟ ଭାଇ ହେମନ୍ତ ମିଣିଆକା ମଙ୍ଗଳବାର ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ତାଙ୍କ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇଥିଲେ। ମଙ୍ଗଳବାର ରାତିରେ ସେମାନେ ବାଇକ୍ ଯୋଗେ ଘରକୁ ଫେରିବା ସମୟରେ ପଛ ପଟୁ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ଭାଇ ମୃତ୍ୟୁବରଣ କରିଥିବାବେଳେ ଦୁର୍ଘଟଣା ଘଟାଇ କାର୍‌ଟି ଫେରାର ହୋଇଯାଇଥିଲା। ଖବରପାଇ ଟାଉନ ଥାନା ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ହେଲେ ଦୁର୍ଘଟଣା ଘଟିବାର ଦୀର୍ଘ ସମୟ ବିତିଯାଇଥିଲେ ସୁଦ୍ଧା ପୋଲିସ ବର୍ତ୍ତମାନ ପର୍ଯ୍ୟନ୍ତ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କ ପରିଚୟ ବାହାର କରିପାରିନାହିଁ କିମ୍ବା ଡ୍ରାଇଭରକୁ ଗିରଫ କରିନାହିଁ । ଅପରପକ୍ଷେ ମୃତ ଆନନ୍ଦ ରାୟଗଡ଼ା କଲେଜ ଛାତ୍ର ହୋଇଥିବାରୁ କଲେଜର ଛାତ୍ରମାନେ କଲେଜ ବନ୍ଦ କରିବା ସହ କ୍ଷତିପୂରଣ ଦାବିରେ ଥାନା ଘେରାଉ କରିଛନ୍ତି। କଲେଜ ଛାତ୍ରଙ୍କ ସହିତ ଅନ୍ୟ ମୃତକଙ୍କ ବନ୍ଧୁ ଏବଂ ସମ୍ପର୍କୀୟମାନେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଘଟଣାର ତୁରନ୍ତ ସମାଧାନ କରା ନ ଗଲେ ରାସ୍ତାରୋକୋ କରିବାକୁ ବାଧ ହେବୁ ବୋଲି ରାୟଗଡା ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା ପ୍ରକାଶ କରିଛନ୍ତି।

# ନୂତନ ବିଡିଓଙ୍କୁ ଶୁଭେଚ୍ଛା

**ରାମନାଗୁଡା,୧୯/୭(ସଞ୍ଜୟ ପ୍ରଧାନ)**

ରାମନାଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଦ୍ୟୁମ୍ନ ମଣ୍ଡଳଙ୍କୁ ବୁଧବାର ସନ୍ଧ୍ୟାରେ ରାମନାଗୁଡା ବ୍ଲକ ବିଜେଡି ତରଫରୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମତି ଉପାଧ୍ୟକ୍ଷ ଜାନକୀ ନିମାଲା, ଶୁଣ୍ଡିଢାମୁଣି ସମତି ସଭ୍ୟ କମଳଲୋଚନ ମୁଟିକା,ବିଜେଡି ବ୍ଲକ ଯୁବ ସଭାପତି ସଞ୍ଜୟ କୁମାର ପ୍ରଧାନ, ଦିଲିପ ନାୟକ ବେହେରା, ରଞ୍ଜନ ନାୟକ ବେହେରା, ମାଧବ ନିମାଲା, ପ୍ରଶାନ୍ତ ଗୌଡ, ଆନନ୍ଦ ପରିଚ୍ଛା ପ୍ରମୁଖ ଯୋଗ ଦେଇଥିଲେ।

# ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

**ପାରଳାଖେମୁଣ୍ଡି,୧୯।୭(ଗିରିଧାରୀ ପରିଚ୍ଛା):** ଗଜପତି ଜିଲା ଅତିରିକ୍ତ ସ୍ୱତନ୍ତ୍ର ଦୌରାଜଜ୍ ପ୍ରଦୀପ କୁମାର ସାମଲ ବୁଧବାର ଏକ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କାଶୀନଗର ଥାନା ଅନ୍ତର୍ଗତ କେ.ସୀତାପୁର ଗ୍ରାମରେ ୨୦୨୧ ସେପ୍ଟେମ୍ବରରେ ଗଣେଶ ପୂଜା ଚାଲିଥିବା ସମୟରେ ଅଭିଯୁକ୍ତ ବି.କିରଣ ସେହି ଗ୍ରାମର ୧୦ବର୍ଷିୟା ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବାର ଅଭିଯୋଗ ହୋଇଥିଲା।

# ମୃତକଙ୍କ ପରିବାରକୁ ମିଳିଲା ବୀମା ରାଶି

**ଚନ୍ଦ୍ରପୁର,୧୯।୭ (ବିଜୟ ପ୍ରସାଦ ଉଲ୍ଲାକା)**

ଜୀବନ ବୀମା ନିଗମ ରାୟଗଡା ଶାଖା ତରଫରୁ ଜଣେ ମୃତକଙ୍କ ପରିବାରକୁ ୧ ଲକ୍ଷ ୧୯ ହଜାର ଟଙ୍କା ବୀମା ରାଶି ପ୍ରଦାନ କରାଯାଇଛି। ଚନ୍ଦ୍ରପୁର ବ୍ଲକର ଦଙ୍ଗାସୋରଡ଼ା ପଞ୍ଚାୟତ ଅଧୀନ ବୋରିଖାଲ ଗ୍ରାମର ଲଛିଙ୍ଗା କୁମୁରୁକା ଜ୍ୱରରେ ଆକ୍ରାନ୍ତ ହୋଇ ଗତବର୍ଷ ଡିସେମ୍ବର ୨୪ରେ ମୃତ୍ୟୁବରଣ କରିଥିଲେ। ହେଲେ ଲଛିଙ୍ଗା ଦୀର୍ଘ ୪ ବର୍ଷ ଧରି ଜୀବନ ବୀମା ନିଗମରେ ଟଙ୍କା ଜମା କରିଆସୁଥିଲେ। ତାଙ୍କ ମୃତ୍ୟୁ ପରେ ଜୀବନ ବୀମା ନିଗମ ରାୟଗଡା ଶାଖା ତରଫରୁ ମଙ୍ଗଳବାର ମୃତ ଲଛିଙ୍ଗାଙ୍କ ବିଧବା ସ୍ତ୍ରୀ ବିରମାଇ କୁମୁରୁକାଙ୍କୁ ବୀମା ରାଶି ପ୍ରଦାନ କରାଯାଇଛି। ଏହି ସମୟରେ ରାୟଗଡା ଶାଖା ଜୀବନ ବୀମା ନିଗମର ଅଧିକାରୀ ସନତ କୁମାର ମିଶ୍ର, ଦଙ୍ଗାସୋରଡ଼ାର ପୂର୍ବତନ ସରପଞ୍ଚ ଧନୁ ମାଝୀ କୁମୁରୁକା ପ୍ରମୁଖ ଉପସ୍ଥିତ ଥିଲେ।



ବିରମାଇ କୁମୁରୁକା ବୀମା ରାଶିର ଏକ ଚେକ୍ ଗ୍ରହଣ କରୁଛନ୍ତି।

# ୨୦ ପଡ଼ାକୁ ରାଜସ୍ୱ ଗ୍ରାମ ମାନ୍ୟତା

**ରାୟଗଡ଼ା,୧୯।୭(ଆଶିଷ ରଞ୍ଜନ ପଣ୍ଡା)**

**ତହସିଲଦାରଙ୍କ ତ୍ରୁଟିରୁ ଆସିଲାନି ୫ଟି ସ୍ଥାନରୁ ପ୍ରସ୍ତାବ**

ରାୟଗଡା ଜିଲାର ୨୦ଟି ପଡାକୁ ମିଳିଛି ରାଜସ୍ୱ ଗ୍ରାମର ମାନ୍ୟତା। ସେଥିରୁ ରାୟଗଡା ତହସିଲ ଅଞ୍ଚଳରେ ସର୍ବାଧିକ ୧୩ ରହିଥିବା ବେଳେ ଗୁଣପୁର ତହସିଲରେ ୪ ଓ କାଶୀପୁର ତହସିଲରେ ୩ଟି ପଡା ରାଜସ୍ୱ ଗ୍ରାମ ମାନ୍ୟତା ପାଇଛି। ଏଥିସହ କଲ୍ୟାଣସିଂହପୁର ତହସିଲର ୭, ଗୁଣପୁର ଓ କାଶୀପୁର ତହସିଲର ଦୁଇଟି ଲେଖାଏଁ ପଡା ରାଜ୍ୟ ସରକାରଙ୍କ ବିଚାର ପାଇଁ ରହିଥିବା ସୂଚନା ମିଳିଛି। ସେହିଭଳି ବିଷମକଟକ ତହସିଲର ୪ ଓ କୋଲନରା ତହସିଲର ୨ଟି ପଡା ଜିଲାସ୍ତରରେ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ବିଚାରକୁ ରଖାଯାଇଛି। ତାହା ଅନୁଧ୍ୟାନ ପରେ ରାଜ୍ୟ ରାଜସ୍ୱ ବିଭାଗକୁ ପ୍ରସ୍ତାବ ଦିଆଯିବ ବୋଲି ସୂଚନା ମିଳିଛି। ଯେଉଁ ୨୦ଟି ପଡ଼ା ଗ୍ରାମ ମାନ୍ୟତା ପାଇଲା ତାହାର ନୂତନ ଥାନା ନମ୍ବର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଜିଲା ପୋଲିସ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି।

ଆରମ୍ଭରୁ ୮୯ଟି ପଡାକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ନେଇ ବିଚାର ଚାଲିଥିଲା। ତେବେ ରାମନାଗୁଡା, ପଦ୍ମପୁର, ମୁନିଗୁଡା, ଚନ୍ଦ୍ରପୁର ଓ ଗୁଡାରୀ ତହସିଲଦାରଙ୍କ ତ୍ରୁଟି କାରଣରୁ ଗୋଟିଏ ମଧ୍ୟ ପଡାକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ପ୍ରସ୍ତାବ ଆସିଲା ନାହିଁ। ରାଜସ୍ୱ ଗ୍ରାମ ପାଇଁ ଯେଉଁ ମାପଦଣ୍ଡ ସରକାର ଦେଇଛନ୍ତି ଉକ୍ତ ୫ ତହସିଲ ଅଞ୍ଚଳରେ ତାହା ପୂରଣ କରୁଥିବା କୌଣସି ପଡା ନ ଥିବା ଦର୍ଶାଇ ତତ୍କାଳୀନ ତହସିଲଦାରମାନେ ପ୍ରସ୍ତାବ ଦେଇ ନ ଥିବା ଜଣାପଡିଛି। ଅନେକ ପଡା ଯୋଗ୍ୟ ଥିଲେ ମଧ କାହିଁକି ତହସିଲଦାରମାନେ ପ୍ରସ୍ତାବ ଦେଲେନାହିଁ ତାହା ଏବେ ସମସ୍ତଙ୍କୁ ଚକିତ କରୁଛି। କାରଣ ନିୟମାନୁସାରେ ତହସିଲଦାରଙ୍କ ଦ୍ୱାରା ଏହି ପ୍ରସ୍ତାବ ଜିଲାପାଳଙ୍କ ନିକଟକୁ ଆସିବା ପରେ ତାହା ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପାଖକୁ ପଠାଯାଇଥିଲା। ଯୋଗ୍ୟତା ଥାଇ ମଧ ଅନେକ ପଡା ରାଜସ୍ୱ ଗ୍ରାମ ମାନ୍ୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଫଳରେ ସେହି ଗ୍ରାମଗୁଡିକ ଭବିଷ୍ୟତରେ ବିଭିନ୍ନ ସୁବିଧା ପାଇବାରୁ ବଞ୍ଚିତ ହେବା ସ୍ପଷ୍ଟ ହୋଇଛି। ମୁଖ୍ୟତଃ ନୂତନ ପଞ୍ଚାୟତ ଗଠନ ପାଇଁ ରାଜସ୍ୱ ଗ୍ରାମ ହେଉଛି ପ୍ରଥମ ମାପକାଠି। ତେବେ ଭବିଷ୍ୟତରେ ପଞ୍ଚାୟତ ଓ ବ୍ଲକ ନୂତନ ଭାବେ ଗଠନ ସହିତ ସୀମା ପୁନଃ ନିର୍ଦ୍ଧାରଣ ସମୟରେ ସମସ୍ୟା ସୃଷ୍ଟି ହେବ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଯେଉଁ ୮୯ଗ୍ରାମ ପାଇଁ ପ୍ରସ୍ତାବ ଆସିଥିଲା, ସେଥିରୁ ୨୦ଟି ମାନ୍ୟତା ପାଇଥିବାବେଳେ ବଳକା ୧୭ଟି ଖୁବଶୀଘ୍ର ମାନ୍ୟତା ଅପେକ୍ଷାରେ ରହିଛି। ବଳକା ପଡାମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଯେଉଁ ପଡା ରାଜସ୍ୱ ଗ୍ରାମ ହେବା ପାଇଁ ପ୍ରସ୍ତାବ ରହିଛି ସେଠାକାର ଜନସଂଖ୍ୟା ସର୍ବନିମ୍ନ ୨୫୦ ରହିବା ସହ ୧ କିଲୋମିଟର ଦୂରତା ମଧ୍ୟରେ ଅନ୍ୟ ରାଜସ୍ୱ ଗ୍ରାମ ରହି ନ ଥିବା ଜରୁରୀ। ତେବେ ପଦ୍ମପୁର, ଚନ୍ଦ୍ରପୁର, ଗୁଡାରୀ ଓ ରାମନାଗୁଡା ତହସିଲ ଅଂଚଳରେ ଏମିତି ଯୋଗ୍ୟତା ପୂରଣ କରୁଥିବା ଗୋଟିଏ ମଧ ପଡା ନାହିଁ କି ବୋଲି ସାଧାରଣରେ ପ୍ରଶ୍ନ ହୋଇଛି। ତେବେ ଦେଖିବାର କଥା ଯେଉଁ ବଳକା ୧୭ ଟି ପଡା ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ପ୍ରସ୍ତାବ ଦିଆଯାଇଛି ତାହା କେବେ କାର୍ଯ୍ୟରେ ରୂପାନ୍ତରିତ ହେଉଛି । ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶକ୍ରମେ ବର୍ତ୍ତମାନ ୨୦ଟି ରାଜସ୍ୱ ଗ୍ରାମ ହୋଇଛି। ସେଗୁଡିକ ନୂତନ ଥାନା ନମ୍ବର ଦିଆଯାଇଛି। ଅନ୍ୟ ପ୍ରସ୍ତାବ ଉପରେ ଅନୁଧ୍ୟାନ ଚାଲିଛି। ତେବେ ୫ଟି ତହସିଲରେ ତହସିଲଦାରମାନେ କ୍ଷେତ୍ର ଦେଖିଛନ୍ତି ବୋଲି ଅତିରିକ୍ତ ଜିଲାପାଳ ପ୍ରଧାନ କହିଛନ୍ତି।

# '୩ ବିଧାନସଭା, କୋରାପୁଟ ଏମ୍‌ପି ଆସନ ଦଖଲ କରିବ ବିଜେଡି'

**ରାୟଗଡ଼ା,୧୯।୭(ଆଶିଷ ରଞ୍ଜନ ପଣ୍ଡା)**

ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ.ଭାସ୍କର ରାଓ ବିଜେଡ଼ି ରାଜ୍ୟ ଉପସଭାପତି ହେବା ପରେ ବୁଧବାର ନିଜ ଜିଲାକୁ ଫେରିଥିବାବେଳେ ବିଭିନ୍ନ ସ୍ଥାନରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଭାସ୍କରଙ୍କୁ ଉପସଭାପତି ଘୋଷଣା କରିବା ପରେ ଭୁବନେଶ୍ୱରରେ ଦଳର ଶୀର୍ଷ ନେତୃତ୍ୱ ଏବଂ ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହିତ ଗତ ଦୁଇଦିନ ଧରି ବୈଠକ କରିବା ପରେ ଭାସ୍କର ରାଓ ରାୟଗଡ଼ା ଫେରିଥିଲେ । ଜିଲାର ବିଭିନ୍ନ ସ୍ଥାନରେ ଦଳର ନେତା ଓ କର୍ମୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଗୁଣପୁର ନିର୍ବାଚନ ମଣ୍ଡଳୀର କେନ୍ଦୁଗୁଡ଼ା, ପଦ୍ମପୁର, ଗୁମୁଡ଼ା, ରାମନାଗୁଡ଼ା, ବିଷମକଟକ ନିର୍ବାଚନ ମଣ୍ଡଳୀର କୋଲନରା, ରାୟଗଡ଼ା ନିର୍ବାଚନ ମଣ୍ଡଳୀର ଅମଳାଭଟ୍ଟା, ଜେକେପୁର, କୋତାପେଟା, ଖଲିଗୁଡ଼ାଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାୟଗଡ଼ା ସହରରେ ସ୍ଥାନେ ସ୍ଥାନେ କର୍ମୀ ଉପସ୍ଥିତ ରହି ଭାସ୍କରଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରାଓ





ବିଜେଡି କର୍ମୀମାନେ ରାଜରାସ୍ତାରେ ଭାସ୍କର ରାଓଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଜିଲାରେ ଭାସ୍କର ରାଓଙ୍କୁ ସମ୍ବର୍ଦ୍ଧନା**

ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆସନ୍ତା ସାଧାରଣ ନିର୍ବାଚନରେ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିବା ସହ ଜିଲାର ସମସ୍ତ ବିଧାନସଭା ଏବଂ କୋରାପୁଟ ଲୋକସଭା କ୍ଷେତ୍ରରେ ବିଜୟ ଲାଭ କରିବ। ଯେ କୌଣସି ମୁହୂର୍ତ୍ତରେ ନିର୍ବାଚନ ହେଲେ ଆମେ ସେଥିପାଇଁ ପ୍ରସ୍ତୁତ ରହିଛୁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋକ ଭଲ ପାଉଛନ୍ତି। ଆଉ ମୋ ଉପରେ ଭରସା ରଖି ମୁଖ୍ୟମନ୍ତ୍ରୀ ରାଜ୍ୟ ଉପସଭାପତି ଦାୟିତ୍ୱ ପ୍ରଦାନ କରିଛନ୍ତି । ସମସ୍ତ ଦଳୀୟ ପଦାଧିକାରୀ ଓ କର୍ମୀଙ୍କୁ ନେଇ ଆଗାମୀ ନିର୍ବାଚନ ଆମେ ଲଢ଼ିବୁ ବୋଲି ମଧ୍ୟ ରାଓ କହିଥିଲେ ।

ରାୟଗଡ଼ା ସହରର ଖଲିଗୁଡ଼ା ଛକଠାରୁ ଆରମ୍ଭ କରି ଡୁମ୍ବିଗୁଡ଼ା, ଏଫସିଆଇ ଛକ, ନେହରୁ ନଗର ଛକ, କସ୍ତୁରୀ ନଗର ଛକ, ଷ୍ଟେଶନ ଛକ, କପିଳାସ ଛକ ଏବଂ ତାଙ୍କ ବାସଭବନ ଠାରେ ଭାସ୍କରଙ୍କୁ କର୍ମୀ ବିପୁଳ ସମ୍ବର୍ଦ୍ଧନା ଦେବା ସହ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ସହରର ବିଭିନ୍ନ ୱାର୍ଡ଼ର ମହିଳା ଓ ଯୁବକ ବିଜେଡ଼ିରେ ସାମିଲ ହୋଇଥିଲେ । ସେମାନଙ୍କୁ ଦଳରେ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ସୁଜାତା ପାଳ, ବ୍ଲକ ଅଧ୍ୟକ୍ଷା ଚୁନି ହୁଇକା, ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା, ବରିଷ୍ଠ ନେତା ଜଗଦୀଶ ପାତ୍ର, ବିନାୟକ କର, ଚନ୍ଦ୍ରକାନ୍ତ ସାମଲ, ଅମିୟ ସ୍ୱାଇଁ, ଏମ.ଗଙ୍ଗାଧର, ବି.ତିରୁପତି, ଯୁବନେତା ଅବିନାଶ ବିଶୋଇ, ବାଦଲ ମହାନ୍ତି, ଅମିତ ନାୟକ, ପପୁ ପ୍ରବୀଣ କୁମାର, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ପୂର୍ବତନ ଜିଲା ପରିଷଦ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

